Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୨୫, ଭୁବନେଶ୍ୱର, ମଇ ୫-୧୧, ୨୦୨୫, Vol: 2, Issue: 25, Bhubaneswar, May 5- 11, 2025 Pages- 8

# ଶିଶୁ ଶ୍ରମିକ - କିଏ ଦେବ ସୁରକ୍ଷା

**(ଭିଓଭି ବ୍ୟୁରୋ):** ଆସନ୍ତା ଜୁନ୍ ମାସ ୧୨ତାରିଖରେ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳନ କରାଯିବ। ଏହି ଦିବସ ସାରା ବିଶ୍ୱରେ ଶିଶୁ ଶ୍ରମିକଙ୍କ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିଥାଏ। 'ଶିଶୁ ଶ୍ରମ' ଆଇନର ଉଲଂଘନ ଅର୍ଥାତ ଏହା ପିଲାଙ୍କୁ ସେମାନଙ୍କ ପିଲାଦିନରୁ ବଞ୍ଚିତ କରିଥାଏ। ଶିଶୁ ଶ୍ରମିକ ମାନେ ସେମାନଙ୍କର ପିଲାଦିନ, ସେମାନଙ୍କର ସାମର୍ଥ୍ୟ, ସମ୍ମାନ ଓ ଶାରୀରିକ ମାନସିକ ବିକାଶ ସବୁକିଛି ହରାଇ ଦେଇ ଥାଆନ୍ତି। ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ୍.ଓ) ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ଆରମ୍ଭ କରି ୨୦୦୨ରେ ବିଶ୍ୱସ୍ତରରୁ ଶିଶୁ ଶ୍ରମକୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ଓ ପ୍ରୟାସ ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲା। ଶିଶୁ ଶ୍ରମର ସବୁଠାରୁ ବଡ କାରଣ ହେଉଛି ଦାରିଦ୍ର୍ୟ ବୋଲି ଅନେକଙ୍କ ମତ। ତେଣୁ ଛୋଟ ଛୁଆମାନେ ଶିଶୁ ଶ୍ରମିକ ଭାବରେ କାମ କରନ୍ତି ବୋଲି ସେମାନେ ଦାବି କରନ୍ତି। ଦାରିଦ୍ର୍ୟ ଦୂରୀକରଣ ପାଇଁ





ଅନେକ ବର୍ଷ ଲାଗିବ। କିନ୍ତୁ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବାକୁ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। ଏଥିରେ ଅଳ୍ପ ସଫଳତା ମିଳିଥିବା ବେଳେ ବିଫଳତା ଚାରିଆଡ଼େ ଜଳ ଜଳ ହୋଇ ଦେଖାଯାଉଛି। ଦିବସ ମାଧ୍ୟମରେ ବିଶ୍ୱ ସ୍ତରରେ ବାଳଶ୍ରମ ବିରୋଧରେ ଜନ ମତ ସୃଷ୍ଟି କରିବା କାମଟି କେବଳ କାଗଜପତ୍ର ଭିତରେ ସୀମିତ ଭଳି ପରିଲକ୍ଷିତ ହେଉଛି। କଥାରେ ଅଛି ଆଜିର ଶିଶୁ କାଲିର ନାଗରିକ ବା ଭବିଷ୍ୟତ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ପାଠପଢା ପାଇଁ ବଡ ବଡ ଯୋଜନା ପ୍ରସ୍ତୁତ କରାଯାଉଛି। ମାତ୍ର ବିଡମ୍ବନାର ବିଷୟ ଯେ, ସମସ୍ତେ ଏହି ଯୋଜନାର ଉପକୃତ ହୋଇପାରୁନାହାନ୍ତି। କେତେକ କାରଣ ଯୋଗୁଁ ପିଲା ବ୍ୟାଗ ଧରି ପାଠ ପଢିବା ପରିବର୍ତ୍ତେ କୋଦାଳ ଧରି କାମ କରିବା ପାଇଁ ଯାଉଛନ୍ତି। ଆଖି ବନ୍ଦ କରି ଯେ କୌଣସି ହୋଟେଲ ଭିତରକୁ ଗଲେ ଦେଖିବାକୁ ମିଳିବ ଶିଶୁ ଶ୍ରମିକ କାମ କରୁଛନ୍ତି। ବାହାରେ କିନ୍ତୁ ବଡ ବଡ ପୋଷ୍ଟରରେ ଲେଖା ଯାଇଥିବ ଏଠାରେ ଶିଶୁ ଶ୍ରମିକ ନିୟୋଜିତ ହୋଇ ନାହାନ୍ତି। ଧନୀ ଓ ଶିକ୍ଷିତ ଲୋକମାନେ ନିଜ ଘରେ ଶିଶୁ ଶ୍ରମିକମାନଙ୍କୁ ରଖି ଘର କାମ କରାଇ ସେମାନଙ୍କ ଭବିଷ୍ୟତ ଅନ୍ଧାର କରିଦେଉଛନ୍ତି। ବିବାହ ବରଯାତ୍ରୀ ଶୋଭାଯାତ୍ରାରେ ବି ଲାଇଟ୍ ମୁଣ୍ଡାଇ ଶିଶୁ ଶ୍ରମିକମାନେ ଚାଲୁଥିବାର ଦେଖିବାକୁ ମିଳୁଛନ୍ତି। ଖୋଦ୍ ରାଜଧାନୀ ଛାତି ଉପରେ ଏ ସବୁ ଦୃଶ୍ୟ ଦେଖିବାକୁ ମିଳୁଛି। ପ୍ରଶାସନ ସବୁ ଦେଖୁଥିଲେ ମଧ୍ୟ ଅଭିଯୋଗ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରି ବସୁଛନ୍ତି। ଶିଶୁ ଶ୍ରମିକ ବଢିବାର ମୁଖ୍ୟ କାରଣ ହେଲା ଶିକ୍ଷା ଓ ସଚେତନତାର ଅଭାବ। ଖାଦ୍ୟ ସୁରକ୍ଷା ଆଇନ୍ ବଳରେ ସମସ୍ତ ଯୋଗ୍ୟ ପରିବାର ବର୍ତ୍ତମାନ ଅନ୍ତତଃ ବଞ୍ଚିବା ପାଇଁ ଖାଦ୍ୟ ପାଇ ପାରୁଛନ୍ତି। କିନ୍ତୁ ଅଧିକ ରୋଜଗାର କରିବା ଲୋଭରେ ବାପ ମାଆ ମାନେ ନିଜର କୋମଳମତି ଛୋଟ ଛୋଟ ପିଲାଙ୍କୁ କାମରେ



ଲଗାଇ ପଇସା ରୋଜଗାର କରୁଛନ୍ତି। ଏସବୁ ବ୍ୟତିକ୍ରମକୁ ପ୍ରଶାସନ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ୱାର୍ଡ ସ୍ତରରେ ମନିଟରିଂ କମିଟି କରି ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରି ଦେଶର ଭବିଷ୍ୟତ ମାନଙ୍କ ଜୀବନକୁ ସୁରକ୍ଷା ପ୍ରଦାନ କରନ୍ତୁ।

୧୯୧୯ ମସିହାରେ ଇଣ୍ଟରନ୍ୟାସନାଲ ଲେବର୍ ଅର୍ଗାନାଇଜସନ୍ ପ୍ରତିଷ୍ଠା ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଶ୍ରମିକ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେବା। ଏହି ଅନୁଷ୍ଠାନ ସହ ୧୮୭ଟି ରାଜ୍ୟ ସାମିଲ ଅଛି। ଏଥି ମଧ୍ୟରୁ ୧୮୬ଟି ରାଜ୍ୟ ୟୁନାଇଟେଡ୍ ନେସନର। ଏହା ପରଠାରୁ ଆଇ.ଏଲ.ଓ ବିଶ୍ୱରେ ଥିବା ଶ୍ରମିକଙ୍କ ସମସ୍ୟାକୁ ଉପସ୍ଥାପନା କଲା। ଏହାପରେ ୨୦୨୦ରେ ୧୩୮ ଆନୁଷ୍ଠାନିକ ସଦସ୍ୟ ଓ ୧୮୦ ଆଇ.ଏଲ.ଓ ସଦସ୍ୟଙ୍କ ଦ୍ୱାରା ଶିଶୁ ଶ୍ରମିକଙ୍କ ପାଇଁ ବିଶ୍ୱ ଦିବସ ପାଳନ ନେଇ ଘୋଷଣା କରାଗଲା। ଏହାପରଠାରୁ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ଉଦ୍ୟମରେ ୨୦୦୨ ମସିହାରୁ ଏହି ଦିବସ ପାଳନ କରାଯାଉଛି। ବିଶ୍ୱ ଶ୍ରମ ସଂଗଠନର ୧୩୮ତମ ଏବଂ ୧୮୨ତମ ସମ୍ମିଳନୀରେ ଏ ସଂପର୍କିତ ଘୋଷଣାନାମା ଗୃହିତ ହୋଇଛି। ଶିଶୁ ଶ୍ରମିକ ବିରୋଧରେ ନୋବେଲ ବିଜେତା କୈଳାସ ସତ୍ୟାର୍ଥୀ ତିନି ଦଶନ୍ଧୀ ଧରି



ବଚ୍ ?ପନ୍ ବଚାଓ ଆନ୍ଦୋଳନ ଚଳାଇଛନ୍ତି। ଏସବୁ ସତ୍ତ୍ୱେ ଆମ ସରକାର ଓ ପ୍ରଶାସନ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ ଉଚ୍ଛେଦ ପାଇଁ ଦାୟୀତ୍ୱ ବହନ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



# ଜୀବଜଗତର ବୈଚିତ୍ର୍ୟ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଦେଖିବାକୁ ଗାଢ଼ ଖଇରିଆ ଓ କଳାରଙ୍ଗର ବତାସି ଚଢ଼େଇ (Swift) ପକ୍ଷୀ-ଜଗତର ବିସ୍ମୟ। ଏରୋଡାଇନାମିକ ଆକୃତିର ଏହି ମଧ୍ୟମ ଧରଣର ପକ୍ଷୀଟି ଅନବରତ ଆକାଶରେ,ଦଶମାସ ଧରି ଉଡୁଥାଏ । ଏଭଳି ଅଦ୍ଭୁତ କ୍ଷମତା ଆଉ ଅନ୍ୟ କୌଣସି ପକ୍ଷୀ ପାଖରେ ନଥାଏ । ଖାଇବା, ପିଇବା, ଗାଧୋଇବା, ଏପରିକି ମିଳନ ପ୍ରକ୍ରିୟା ମଧ୍ୟ, ଖୋଲା ଆକାଶରେ ଉଡୁଥିବା ଅବସ୍ଥାରେ ସମାପନ ହୋଇଥାଏ । କେବଳ ଅଣ୍ଡା ଦାନ ଓ ଶାବକକୁ ଉଡାଣକ୍ଷମ କରିବା ମାତ୍ର ଦୁଇ ମାସ ପାଇଁ ତଳକୁ ଆସନ୍ତି ।

ଇଗଲ ଏକମାତ୍ର ପକ୍ଷୀ ଯିଏକି ଆକାଶର ୧୦,୦୦୦ ଫୁଟ ( ଭୂପୃଷ୍ଠରୁ ୩ କିଲୋମିଟର) ଉଚ୍ଚରେ ଡେଣା ନହଲାଇ ଆରାମରେ ଉଡ଼େ। ଝଡ ବତାସରୁ ରକ୍ଷା ପାଇବା ପାଇଁ , ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଉପରକୁ ଉଠି ଯିବାର ,କ୍ଷମତା ରଖେ । ଏଭଳି ଅଦ୍ଭୁତ ଦକ୍ଷତା ଅନ୍ୟ କୌଣସି ପକ୍ଷୀ ପାଖରେ ନଥାଏ।

ବିନା ରହଣିରେ ୪୯୪୨କିଲୋମିଟର ଆକାଶପଥ, ମାତ୍ର ୮୮ଘଣ୍ଟାରେ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା ଏକ କ୍ଷୁଦ୍ର ପକ୍ଷୀ ପାଖରେ ରହିଛି । ଋତୁ ଅନୁସାରେ ନିଜ ଶରୀରର ରଙ୍ଗ ବଦଳାଉଥିବା ଏହି ସୁନ୍ଦର ପକ୍ଷୀଟିର ନାମ ‘ଗୋଲ୍ଡେନ ପ୍ଲୋବର’’ । ନିମ୍ନଭାଗରେ ନର୍ଥ ପ୍ୟାସିଫିକ୍ ଓସନ ଓ ଆର୍କାଟିକ୍ ଓସନର ବିସ୍ତୃତ ଜଳରାଶି ମଧ୍ୟରେ କୌଣସି ଦ୍ୱୀପ ନଥିବାରୁ ଓ ପକ୍ଷୀଟି ସନ୍ତରଣ ଜାଣିନଥିବାରୁ, ବିନା ଖାଦ୍ୟ, ପାନୀୟ ଓ ରହଣିରେ ଏହା ଏକ ନିର୍ଦ୍ଦିଷ୍ଟ ଓ ନ୍ୟୁନତମ ପଥରେ କ୍ରମାଗତ ଭାବେ, ୮୮ ଘଣ୍ଟା ଧରି ଉଡିଥାଏ ।

ଇଲ୍ ମାଛର ଦୁଇ ସେଟ ଦାନ୍ତ ଥାଏ । ଗୋଟିଏ ସମ୍ମୁଖ ଭାଗରେ ଆଉ ଗୋଟିଏ ସେଟ ତଣ୍ଟି ପାଖରେ ଥାଏ । ତା ଶରୀରରେ ସର୍ବଦା ୬୦୦ ଭୋଲ୍ଟର ଇଲେକ୍ଟ୍ରି କରେଣ୍ଟ ପ୍ରବାହିତ ହେଉଥାଏ। ତାକୁ ଶିକାର କରିବାକୁ ପ୍ରୟାସ କରୁଥିବା ଜୀବମାନେ ବିଦ୍ୟୁତ ଆଘାତରେ ପ୍ରାଣ ହରାନ୍ତି । ସାମୁଦ୍ରିକ ଓଧମାନେ ଅଶାନ୍ତ ମହାସାଗରରେ ଦଳବଦ୍ଧ ଭାବରେ ପରସ୍ପର ସହିତ ହାତ ଛନ୍ଦାଛନ୍ଦି ହୋଇ ଆରାମରେ ନିଦ୍ରା ଯାଆନ୍ତି । ପରସ୍ପର ଠାରୁ ଅଲଗା ନହେବା ପାଇଁ ସେମାନେ ଏପରି କରିଥାନ୍ତି।

ଗିନିର ସିମ୍ପାଜୀ ମାନଙ୍କର ତାଳଗଛ ରସ ଅତ୍ୟନ୍ତ ପ୍ରିୟ । ଏହାକୁ ସେମାନେ ଆକଣ୍ଠ ପାନ କରନ୍ତି । ଏଥିରେ ଥିବା ଆଲୋକହଲ ମାତ୍ରା ସେମାନଙ୍କୁ ମତୁଆଲା କରେ ।

କାପୁଚିନ ପ୍ରଜାତିର ମାଙ୍କଡ଼ମାନେ ବେଶ ସଫାସୁତୁରା । ସେମାନେ ବାରମ୍ବାର ସେମାନଙ୍କ ହାତ ଓ ଗୋଡ ଧୋଇଥାନ୍ତି ।

କେବଳ ମୟୂରକୁ ଇଂରାଜୀରେ ପିକକ (peacocks) କୁହାଯାଏ। ମୟୂରୀକୁ ପିହେନ୍ସ (peahen) କୁହାଯାଏ । କେବଳ ମୟୁର ହିଁ ନୃତ୍ୟ କରେ, ମୟୁରୀ ନୁହେଁ।

ବାଘ ଓ ଜେବ୍ରାର ଶରୀରରେ ଥିବା ଡିଜାଇନ ପଟ୍ଟି ଗୁଡିକ ଏକାଭଳି ଦେଖାଯାଉ ଥିଲେ ମଧ୍ୟ ବାସ୍ତବରେ ମଣିଷର ଟିପଚିହ୍ନ ପରି ପରସ୍ପରଠାରୁ ପୃଥକ ଅଟନ୍ତି ।

ଏକ ଭାଲୁ ଅକ୍ଲେଶରେ ଏକ କ୍ରିକେଟ ବଲକୁ କାମୁଡି ଖଣ୍ଡ ଖଣ୍ଡ କରି ଦେଇପାରେ।

ବିରାଡି ପରସ୍ପର ସହିତ ଭାବ ବିନିମୟ କରିବା ପାଇଁ ମିଆଁଉ ଶବ୍ଦ କରିନଥାଏ। କେବଳ ମଣିଷ ପାଖରେ ନିଜର ଉପସ୍ଥିତି ଜାହିର କରିବା ପାଇଁ ସେମାନେ ଏପରି କରିଥାନ୍ତି । ବିରାଡ଼ି ଚିନିର ସ୍ୱାଦ ବାରିପାରେ ନାହିଁ।

ଫ୍ଲେମିଙ୍ଗୋ ପକ୍ଷୀର ରଙ୍ଗ ସାଧାରଣତଃ ଧଳା । ସେମାନଙ୍କ ରଙ୍ଗ ଗୋଲାପୀ ଅଥବା ଈଷତ ଲାଲ ହେବା ସେମାନଙ୍କ ଖାଦ୍ୟ ଉପରେ ନିର୍ଭର କରେ।

କାନାଡ଼ା ଓ ଆଲବର୍ତ୍ତାର ଅଧିକାଂଶ ଜନଗହଳି ସ୍ଥାନ ମାନଙ୍କରେ ମୂଷା ଆଦୌ ଦେଖାଯାଆନ୍ତି ନାହିଁ। ନ୍ୟୁଜିଲ୍ୟାଣ୍ଡରେ ସାପ ନଥାନ୍ତି । କା ଭାଁ କେଉଁଠି ଦୈବାତ ସାପଟିଏ ଦେଖାଗଲେ ଲୋକମାନେ ତୁରନ୍ତ ପୋଲିସକୁ ଜଣାନ୍ତି। ଆଇସଲ୍ୟାଣ୍ଡରେ ମଶା ଆଦୌ ଦେଖା ଯାଆନ୍ତି ନାହିଁ । ଗଛ ଉପରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ନାଲି ଆଖି ଥିବା ବେଙ୍ଗ କୌଣସି ବିପଦର ସୂଚନା ପାଇଲେ ତା ଅଣ୍ଡାଗୁଡିକ ଆଗୁଆ ଫୁଟାଇବାର ବ୍ୟବସ୍ଥା କରେ ।

ମଶା ମୁଣ୍ଡରେ ୧୦୦ ଆଖି ଓ ପାଟିରେ ୪୭ଦାନ୍ତ ରହିଛି। ରକ୍ତ ଶୋଷିବା ପାଇଁ ମଶା ୬ଟି ତୀକ୍ଷ୍ଣ ଛୁରିକା ସଦୃଶ୍ୟ ଶୁଣ୍ଢ ବ୍ୟବହାର କରିଥାଏ। ଚାରୋଟି ଶୁଣ୍ଢ ପ୍ରଥମେ ଭିତରକୁ ପ୍ରବେଶ କରିଥାଏ । ମଝିରେ ଥିବା ଦୁଇଟି ଶୁଣ୍ଢ ସଲଗ୍ନ ହୋଇ ଆନାସ୍ଥେସିଆ ଭଳି କିଛି ତରଳ ପଦାର୍ଥ ଶରୀର ଭିତରକୁ ଛାଡନ୍ତି । ଏହା ରକ୍ତକୁ ପତଳା କରିବା ସହିତ ସେହି ସ୍ଥାନକୁ ଅଳ୍ପ ସମୟ ପାଇଁ ବଧିର କରିଦିଏ । ମଶା କେବଳ ରକ୍ତ ଶୋଷିବା ବେଳେ ଆମକୁ କଷ୍ଟ ହୋଇଥାଏ । ଏହା ପୂର୍ବରୁ ନୁହେଁ। ଏଡ୍ସ ରୋଗର ଜୀବାଣୁକୁ ମଶା ହଜମ କରିଦିଏ । ତେଣୁ ମଶା ଦ୍ୱାରା ଏଡ୍ସ ରୋଗ ବ୍ୟାପୀ ନଥାଏ । ମଶା ଗୁଣୁ ଗୁଣୁ ଶବ୍ଦ କରିନଥାଏ । ଏହା ହେଉଛି ତାର ଡେଣା ହଲାଇବା ଶବ୍ଦ । ମଶା ପ୍ରତି ସେକେଣ୍ଡରେ ତାର ଡେଣାକୁ ୮୦୦ ଥର ହଲାଇ ଥାଏ।

ସମସ୍ତ clown fish ପୁରୁଷ ହୋଇ ଜନ୍ମ ହୋଇ ଥାଆନ୍ତି । ସେମାନଙ୍କ ମିଳନ ପ୍ରକ୍ରିୟା ବେଳେ ନିଜର ଇଛା ଅନୁସାରେ କେତେକ ଲିଙ୍ଗ ପରିବର୍ତ୍ତନ କରି ସ୍ତ୍ରୀ ହୋଇ ଯାଆନ୍ତି । ପାଣ୍ଡା (ବିୟର କ୍ୟାଟ)ର ମଧ୍ୟ ଜନ୍ମ ବେଳୁ ଲିଙ୍ଗ ସ୍ଥିରୀକୃତ ହୋଇନଥାଏ।

ଆକ୍ସୋଲେଟଲ ନାମକ ସାମୁଦ୍ରିକ ପ୍ରାଣୀ ନିଜର ଇଛା ମୁତାବକ ଶରୀରର କ୍ଷୟପ୍ରାପ୍ତ ଅଙ୍ଗ



ଆଉଥରେ ବିକଶିତ କରିପାରେ ।

ବାଦୁଡି ମାନଙ୍କର ଦୃଷ୍ଟି ଶକ୍ତି, ଘ୍ରାଣ ଶକ୍ତି ଓ ଶ୍ରବଣ ଶକ୍ତି ଅଧିକ । ମା ବାଦୁଡି ତଳକୁ ମୁହଁ କରି ଗଛରେ ଝୁଲୁଥିବା ଅବସ୍ଥାରେ ଛୁଆ ଦେଇଥାଏ । ଛୁଆ ଜନ୍ମହେଲା ମାତ୍ରେ ଛୁଆକୁ ତଳେ ପକାଇବାକୁ ନଦେଇ ନିଜର ଡେଣା ଦ୍ୱାରା ସୁରକ୍ଷିତ ରଖେ । ଗୁମ୍ଫାରୁ ବାହାରି ବାଦୁଡି ,ପ୍ରଥମେ ବାମ ଦିଗକୁ ଉଡେ । ଲକ୍ଷ ଲକ୍ଷ ଛୁଆଙ୍କ ଭିତରୁ ନିଜ ଛୁଆକୁ ସେ ଅକ୍ଲେଶରେ ଠାବ କରିଥାଏ । ଏମାନଙ୍କ ପକ୍ଷରେ ଶକ୍ତିଶାଳୀ ରାଡାରର କ୍ଷମତା ଥାଏ । ଉଡୁଥିବା ଅବସ୍ଥାରେ ଏମାନେ ସମ୍ମୁଖ ଦିଗରୁ ଆସୁଥିବା ସମସ୍ତ ପ୍ରତିକୂଳ ବ୍ୟବସ୍ଥାକୁ ଆଗୁଆ ଠାବ କରନ୍ତି ଓ ତତକ୍ଷଣାତ୍ ଦିଗ ପରିବର୍ତ୍ତନ କରନ୍ତି।

ପେଚା ତାର ବେକକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇ ପାରେ। ବାମପଟକୁ ୧୩୫ ଡିଗ୍ରୀ ଓ ଡାହାଣ ପଟକୁ ୧୩୫ ଡିଗ୍ରୀ ହିସାବରେ ବେକ ମୋଡି ହୋଇପାରେ । ତେଣୁ ପଛପଟେ ଥିବା ଶିକାରକୁ ଏମାନେ ସହଜରେ ଦେଖି ପାରନ୍ତି । ପେଚା ଉଡିଲା ବେଳେ ଆଦୌ ଶବ୍ଦ କରି ନଥାଏ।

ସାମୁଦ୍ରିକ ଜୀବ ଅକ୍ଟୋପସର ୩ ଟି ହୃଦୟ, ୯ ଟି ମସ୍ତିଷ୍କ (Brain) ଓ ୮ଟି ବାହୁ ଥାଏ । ପ୍ରତ୍ୟେକ ବାହୁରେ ଗୋଟିଏ ଲେଖା ମସ୍ତିଷ୍କ ଥିଲାବେଳେ, ବେଲୁନାକୃତି ମୁଣ୍ଡରେ ଆଉ ଗୋଟିଏ ମସ୍ତିଷ୍କ ଥାଏ । ଏହାର ଶରୀରରେ ନୀଳରଙ୍ଗର ରକ୍ତ ପ୍ରବାହିତ ହୁଏ । ପ୍ରଣୟ ମିଳନ ପରେପରେ ପୁରୁଷ ଅକ୍ଟୋପସର ମୃତ୍ୟୁ ଘଟେ । ମାତା ଅକ୍ଟୋପସ ପାଖାପାଖି ୪୦୦୦୦୦ ଅଣ୍ଡା ଦିଏ। ଅଣ୍ଡା ଗୁଡିକ ଫୁଟିବା ପର୍ଯ୍ୟନ୍ତ ସେ ବଞ୍ଚିରହେ ଓ ତାପରେ ମୃତ୍ୟୁ ବରଣ କରେ । ଛୁଆ ଅକ୍ଟୋପସମାନେ ସ୍ୱୟଂସମ୍ପୂର୍ଣ୍ଣ ବଡ ହୁଅନ୍ତି ଓ ପିତାମାତାଙ୍କ ଭଳି ସମଦଶା ଭୋଗନ୍ତି ।

ଚିଙ୍ଗୁଡ଼ିର ହୃଦୟ ତା ମୁଣ୍ଡରେ ଥାଏ ।

ଗେଣ୍ଡା ଏକକାଳୀନ ୩ ବର୍ଷ ପର୍ଯ୍ୟନ୍ତ ଶୋଇପାରେ (Hibernation )। ଗେଣ୍ଡା ଦାନ୍ତ ସଂଖ୍ୟା ଜୀବଜଗତରେ ସବୁଠାରୁ ବେଶୀ । ଗୋଟିଏ ଧାଡିରେ ୩୩ ଟି ଦାନ୍ତ ଥାଏ । ଏହିପରି ୮୦ ଧାଡି ପର୍ଯ୍ୟନ୍ତ ଦାନ୍ତ ଗେଣ୍ଡାର ଥାଏ । ଗେଣ୍ଡା ନିଜ ଇଛା ଅନୁସାରେ ନିଜର ଲିଙ୍ଗ ପରିବର୍ତ୍ତନ କରିପାରେ।

ଯୋକ (slug) ର ୪ଟି ନାକ ଥାଏ ।

ଗଣ୍ଡାର ଶିଙ୍ଗ କେଶଗୁଚ୍ଛ ଓ କାରାଟିନ ନାମକ ଏକ ହରମୋନ ଦ୍ୱାରା ତିଆରି ହୋଇଥାଏ।

ସ୍ଲଥ ନାମକ ଗଛରେ ରହୁଥିବା ଏକ ଜୀବ ପ୍ରତି ୧୫ ଦିନରେ ଥରେ ଖାଏ। ଥରେ ଖାଇଲେ ଖାଦ୍ୟ ହଜମ ହେବାକୁ ୧୫ଦିନ ସମୟ ଲାଗେ।

ବେଙ୍ଗକୁ ଓଲଟାଇ, ତା ପେଟରେ ମୃଦୁ ଅଙ୍ଗୁଳି ଚାଳନା କଲେ ସେ ତୁରନ୍ତ ସମ୍ମୋହିତ ହୋଇଯାଏ। ବେଙ୍ଗ ବାନ୍ତି କରି ନଥାଏ । ଅକସ୍ମାତ କେବେ କେମିତି ବାନ୍ତି କଲେ, ତାର ପାକସ୍ଥଳୀ ପଦାକୁ ବାହାରି ଆସେ।

ହାତୀ ଦୁନିଆର ଏକମାତ୍ର ଜୀବ ଯିଏ କି ଡେଇଁପାରେ ନାହିଁ । ୪୦ କିଲୋମିଟର ଦୂରରୁ ସେ ଜଳଉତ୍ସର ଅବସ୍ଥିତି ଆକଳନ କରିପାରେ।

ଶାଗୁଣା ୨୦ କିଲୋମିଟର ଦୂରରୁ ଦେଖିପାରେ।

ଗେଣ୍ଡା, ବିଭିନ୍ନ ପ୍ରଜାତିର ମାଛ ଓ ବହୁ ସାମୁଦ୍ରିକ ପ୍ରାଣୀ ନିଜର ଇଚ୍ଛା ଅନୁଯାୟୀ ଲିଙ୍ଗ ପରିବର୍ତ୍ତନ କରନ୍ତି।

ବିଲୁଆ, ଗୁଣ୍ଡୁଚି ମୂଷା, ସାରସ ଏଞ୍ଜେଲଫିସ ଆଦି ବହୁ ଜୀବ , ଜୀବନ ସାରା ଏକପତ୍ନୀକ ରହନ୍ତି । ବାର୍ଣ୍ଣ ପ୍ରଜାତି ପେଚାର ସାଥିର ଦୈବାତ

## ଜୀବଜଗତ

ମୃତ୍ୟୁହେଲେ ସେ ଆତ୍ମହତ୍ୟା କରେ । ପାଖରେ ଯେତେ ଖାଦ୍ୟ ଥାଉନା କାହିଁକି ସେ ଖାଦ୍ୟ ଗ୍ରହଣ ନକରି ସାଥୀକୁ ଝୁରି ଝୁରି ପ୍ରାଣ ହରାଏ ।ସାରସ ପକ୍ଷୀର ମଧ୍ୟ ଅନୁରୂପ ଅବସ୍ଥା ଘଟେ ।

ବହୁ ଜୀବଜନ୍ତୁ ମାନଙ୍କ ପାଖରେ ଆତ୍ମହତ୍ୟା ପ୍ରବଣ ଗୁଣ ଥାଏ।

କୋୟାଲାର ହସ୍ତରେଖା ମଣିଷର ହସ୍ତରେଖା ରେଖା ସହିତ ପ୍ରାୟ ସମାନ ।

କଙ୍ଗାରୁ ମୂଷା, କୋୟାଲା, ବେଙ୍ଗ, ମାଛ, କାଠମୂଷା ସାଲମେଣ୍ଡରସ ବିରାଡି ଗ୍ୟାଜେଲ୍ସ, ମିଲ ଓ୍ୱାର୍ମ ଓ ଝିଟିପିଟି ଆଦି ଜୀବ ତାଙ୍କର ଜୀବନ କାଳ ଭିତରେ ଆଦୌ ପାଣି ପିଇ ନଥାନ୍ତି ।

ଘୋଡ଼ା ଠିଆହେବା ଅବସ୍ଥାରେ ଗଭୀର ନିଦରେ ଶୋଇଯାଏ ।

ଆମେରିକାର ଓପସମ୍ ପ୍ରଜାତିର ଜୀବ ଜନ୍ମର ଠିକ୍ ପରେପରେ ତାର ପିତାମାତାଙ୍କର ମୃତ୍ୟୁ ଘଟେ । ପ୍ରକୃତିର ବୈଚିତ୍ର ଅନୁଯାୟୀ ଛୁଆମାନେ ସ୍ୱୟଂ ସଂପୂର୍ଣ୍ଣ ଭାବେ ବଡ ହୁଅନ୍ତି ଓ ପିତାମାତାଙ୍କ ପରି ସମଦଶା ଭୋଗନ୍ତି। ଅନୁରୂପ ଅବସ୍ଥା ଅକ୍ଟୋପସ ବି ଭୋଗିଥାଏ । ସନ୍ତାନ ଜନ୍ମ ପରେ ପିତାମାତା ମୃତ୍ୟୁ ମୁଖରେ ପଡନ୍ତି।

ଆଣ୍ଟାର୍କଟିକ ଗ୍ଲେସିୟରର ସମୁଦାୟ ବରଫର ଏକ ତୃତୀଆଂଶ ବରଫ,ପେଙ୍ଗୁଇନ ବରଫ ପରିସ୍ରାରେ ତିଆରି ହୋଇଥାଏ ।

ଗାଈ ତାର ଜୀବନ କାଳ ଭିତରେ ହାରାହାରି ଦୁଇ ଲକ୍ଷ ଗ୍ଲାସ କ୍ଷୀର ଦେଇଥାଏ ।

ଗୋଟିଏ କର୍ମୀ ମହୁମାଛିର ବୟସ ପଇଁଚାଳିଶ ଦିନ । ନୂତନ ପିଢ଼ି ପାଇଁ ସହଜାତ ସଂଚୟ ଗୁଣଥିବାରୁ ଏମାନେ ଜୀବନ କାଳ ଭିତରେ ନବେ ଦିନର ଖାଦ୍ୟ ସଂଗ୍ରହ କରିଥାନ୍ତି । ମୃତ୍ୟୁର ସୂଚନା ମହୁମାଛି ମାନେ ଆଗୁଆ ପାଇଥାନ୍ତି ।

ସାର୍କମାଛର ଦୁଇଟି ଗର୍ଭାଶୟ ଥାଏ । ଦୁଇଟି ଗର୍ଭାଶୟରେ ଦୁଇଟି ଭ୍ରୂଣ ଏକାବେଳକେ ବଢୁଥାନ୍ତି। ଜନ୍ମବେଳେ ଅପେକ୍ଷାକୃତ ଶକ୍ତିଶାଳୀ ଶାବକ ଅନ୍ୟ ଦୁର୍ବଳ ଶାବକକୁ ପ୍ରଥମ ଖାଦ୍ୟ ରୂପେ ଗ୍ରହଣ କରିଥାଏ । ଦୈବାତ କୌଣସି ବୟସ୍କ ସାର୍କ ଅସୁସ୍ଥ ହେଲେ, ତାକୁ ଶହଶହ ଜ୍ଞାତି ପରିଜନ ସାର୍କ ଆସି ଅସୁସ୍ଥ ସାର୍କର ଚତୁର୍ପାର୍ଶ୍ୱରେ ବୃତ୍ତାକାରରେ ପ୍ରଦକ୍ଷିଣ କରି ଅସୁସ୍ଥ ସାଥିକୁ ସମବେଦନା ଜଣାନ୍ତି। ତାପରେ ସମସ୍ତେ ମିଶି ତାକୁ ମାରି ଖାଇ ଦିଅନ୍ତି।

ଓଟପକ୍ଷୀର ଆଖି ତାର ମସ୍ତିଷ୍କ ଠାରୁ ବଡ଼ । ବିପଦର ସୂଚନା ପାଇଲେ ସେ ଘଣ୍ଟା ପ୍ରତି ୭୫ କିଲୋମିଟର ଗତିରେ ଦୌଡେ ଓ ଏହି ଗତିକୁ ସେ ୩୦ ମିନିଟ ପର୍ଯ୍ୟନ୍ତ ବଜାୟ ରଖିପାରେ । ଏହାର ଗୋଟିଏ ଅଣ୍ଡାର ଓଜନ ଦେଢ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ ।

ପିମ୍ପୁଡି ଶରୀରର ପଚାଶ ଗୁଣ ଓଜନ ସେ ଅକ୍ଲେଶରେ ବୋହି ନେଇପାରେ । ସୃଷ୍ଟିର ଏହି ବୈଚିତ୍ର ଆଉ କୌଣସି ଜୀବଜନ୍ତୁ ମାନଙ୍କ ପାଖରେ ଦେଖାଯାଏ ନାହିଁ । ସେମାନେ ମାଟିତଳେ ସେମାନଙ୍କ ଆବଶ୍ୟକ ଅନୁଯାୟୀ ସର୍ବାଧିକ ୬ ଟି କୋଠରୀ ତିଆରି କରନ୍ତି । ପ୍ରତିକ୍ରିୟାଶୀଳ ପିମ୍ପୁଡି ଯଦି କାହାକୁ କାମୁଡେ, କିଛି ସମୟ ପରେ ତାର ମୃତ୍ୟୁ ଘଟିଥାଏ । ବେଳେବେଳେ ପିମ୍ପୁଡି ଆମ ଗୋଡ଼କୁ କାମୁଡି ମୃତ ଅବସ୍ଥାରେ ଲାଖି ଥିବାର ଆମେ ଦେଖିଥାଉ।

ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର, ମାଲିକର ଅନ୍ୟୁନ ୬୦ ଟି ଶବ୍ଦ/ସଙ୍କେତକୁ ମନେ ରଖେ । ପରିବାରରେ ଅନେକ ସଦସ୍ୟ ଥିଲେ ବି ସେ ନିଜ ମାଲିକ ଓ ଅନ୍ୟ ସଦସ୍ୟମାନଙ୍କ ମାନସିକ ସ୍ଥିତି ବିଷୟରେ ଅବଗତ ଥାଏ । ପରିବାରରେ ଏକ ନବଜାତକର ଆବିର୍ଭାବ ହେବାକୁ ଯାଉଛି ବା କାହାର ଶେଷ ସମୟ ଆସୁଛି ସେ ଆଗୁଆ ଜାଣିପାରେ। କେତେକ ଜୀବଜନ୍ତୁ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ତାର ପ୍ରତିକାର ବ୍ୟବସ୍ଥା ଆଗୁଆ କରନ୍ତି।

କେତେକ କାରଣରୁ ଜୀବଜନ୍ତୁ ମାନେ ଆତ୍ମହତ୍ୟା ଏପରି କି ସାମୂହିକ ଆତ୍ମହତ୍ୟା ମଧ୍ୟ କରିଥାନ୍ତି ବୋଲି ଜୀବ ବିଜ୍ଞାନୀ ମାନେ ଦାବି କରନ୍ତି । ପଶୁମାନଙ୍କ ଅପେକ୍ଷା ପକ୍ଷୀମାନଙ୍କ ପାଖରେ ଏହି ଗୁଣଟି ଅଧିକ ଥାଏ । ନିରୁପାୟ ହୋଇ ଛୁଆକୁ ବଞ୍ଚାଇ ବାକୁ ଯାଇ ଶେଷରେ ମା ହରିଣ, କୁମ୍ଭୀର ଅଥବା ବାଘମୁହଁକୁ ଡେଇଁବା ଦୃଶ୍ୟ ଆମେ ଟିଭିରେ ଦେଖୁ ।

ଆଲବ୍ରାଟୋସ ଚଢେଇ ଉଡାଣ ଆରମ୍ଭ ପୂର୍ବରୁ ତାର ଲକ୍ଷ୍ୟ ନିର୍ଦ୍ଧାରଣ କରି ଟାରଗେଟ୍ ଲକ୍ କରେ। ଏକ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ଉଠିଗଲେ ସେ ଆରାମରେ ଶୋଇଯାଏ । ଗଭୀର ନିଦରେ ଶୋଇ ମଧ୍ୟ ସେ ତାର ନିର୍ଦ୍ଧାରିତ ପଥରେ ଉଡୁଥାଏ । ନିଦ ଭାଙ୍ଗିଲା ବେଳକୁ ସେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସାରିଥାଏ ।

ଗାଡଭାଲୁ ଓ ମହୁରଙ୍କା ଚଢେଇ ନିଜର ସ୍ୱାର୍ଥ ପାଇଁ ମିତ ବସନ୍ତି ଏମାନେ ମହୁ ପାଇଁ ମିଳିମିଶି ଡ଼କାୟତି ଯୋଜନା କରି ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦିଅନ୍ତି । ଜଙ୍ଗଲ ସାରା ଉଡି ଉଡି ଚଢେଇ ମହୁଫେଣା ଠାବ କରି ଭାଲୁକୁ ସୂଚନା ଦିଏ ଓ ନିର୍ଦ୍ଦିଷ୍ଟ ସ୍ଥାନକୁ ବାଟ କଢାଇ ନିଏ ।

ଶାଗୁଣା କୋଡିଏ କିଲୋମିଟର ଦୂରତା ରୁ ନିକିନିଖି ଦୃଶ୍ୟ ଦେଖି ପାରୁଥାଏ । ଆମେ ଦେଖୁଥିବା କ୍ଷୁଦ୍ର ସୋରିଷ ଦାନାଟି, ଆକାଶରେ ଉଡୁଥିବା ପାରାକୁ ସାତଗୁଣ ବଡ଼ ଦେଖାଯାଏ ।

ବିଲୁଆ ନିଜ ସାଥୀ ପ୍ରତି ବେଶ୍ ବିଶ୍ୱସ୍ତ । ବିଲୁଆ ନିଜ ସାଥୀର ମୃତ୍ୟୁ ପରେ, ଦ୍ୱିତୀୟ ସାଥୀ ଖୋଜେନାହିଁ । ସେ ତାର ଅବଶିଷ୍ଟ ଜୀବନକୁ ଏକାଏକା କଟାଇ ଦିଏ ।

ଗୁଣ୍ଡୁଚି ମୂଷା ମଧ୍ୟ ସେହି ଅନୁରୂପ । ଯୋଡ଼ା ଗୁଣ୍ଡୁଚିଙ୍କ ମଧ୍ୟରେ ବୁଝାମଣା ବେଶ୍ ଭଲ ହୋଇଥିବା ବେଳେ ସ୍ତ୍ରୀ ଗୁଣ୍ଡୁଚିକୁ ପ୍ରସବ ପର୍ଯ୍ୟନ୍ତ ସାଥୀକୁ ଗୁଣ୍ଡୁଚି ଖାଦ୍ୟପେୟ ଯୋଗାଇବାରେ ଆଦୌ ହେଳା କରି ନଥାଏ।

ଆଠ ପାଦ ବିଶିଷ୍ଟ ପ୍ରାଣୀ ଅକ୍ଟୋପସ୍ ପୂରା ଜୀବନ ଗୋଟିଏ ସାଥୀ ସହିତ ଅତିବାହିତ କରେ । ଆଠଟି ଗୋଡରୁ ଗୋଟିଏ ଗୋଡ ଏହାର ପ୍ରଜନନ ଅଙ୍ଗ ରୂପେ କାମ କରେ । ଦୈବାତ୍ କୌଣସି ଅଙ୍ଗ ନଷ୍ଟ ହୋଇଗଲେ, ଠିକ୍ ସେଇ ସ୍ଥାନେରେ ନୂଆ ଅଙ୍ଗ ବିକଶିତ ହୋଇଥାଏ ।

ଦେଖିବାକୁ ଖୁବ ସୁନ୍ଦର ଫ୍ରେଞ୍ଚ ଏଞ୍ଜେଲଫିସ୍ ସ୍ୱଭାବରେ ଖୁବ ଶାନ୍ତ ହେଲେ କେହି ଯଦି ଏମାନଙ୍କ ସାଥୀକୁ ଆକ୍ରମଣ କରେ ତେବେ ଏମାନେ ତତକ୍ଷଣାତ୍ କ୍ରୋଧୀ ହୋଇଥାନ୍ତି ।

ପେଚାଙ୍କର ଅନେକ ପ୍ରଜାତି ନିଜ ସାଥୀ ସହ ଆଜୀବନ ସମୟ ଅତିବାହିତ କରିବାକୁ ପସନ୍ଦ କରନ୍ତି । ଯୋଡ଼ା ମଧ୍ୟରୁ ଜଣେ ପ୍ରାଣ ହରାଇଲେ, ଅନ୍ୟଟି ସାଥିକୁ ଝୁରିଝୁରି ପ୍ରାଣ ହରାଇଥାଏ । ପାଖରେ ଥିବା ସଂଚିତ ଖାଦ୍ୟକୁ ମଧ୍ୟ ସେ ଗ୍ରହଣ କରି ନଥାଏ।

ବାଇଚଢେଇ ମିଳନ ପୂର୍ବରୁ ପୁରୁଷ-ସାଥୀକୁ ସର୍ତ୍ତ ରଖେ । ମନ ପସନ୍ଦର ବସା ଟିଏ ତିଆରି କରିବାକୁ ନିର୍ଦ୍ଦେଶ ଦିଏ। ବସାଟି ପସନ୍ଦ ହେଲେ ସମ୍ବନ୍ଧ ଆଗକୁ ବଢେ । କାଳେ ଗୋଟିଏ ବସା କଲେ ପସନ୍ଦ ହେବ କି ନାହିଁ ଏହି ଆଶଙ୍କାରେ ବାୟା, ତିନୋଟି ବିଭିନ୍ନ ଆକୃତିର ବସା ତିଆରି କରି ଦେଖାଏ । ଏଥିପାଇଁ ପାଇଁ ତାକୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡେ । ପ୍ରଥମେ ତାଳ, ନଡ଼ିଆ ପତ୍ରକୁ ଚିରି ସୂତା ତିଆରି କରେ । ଥଣ୍ଟ ଓ ନଖ ରେ ବାରମ୍ବାର ଘସି ପଲିସ କରିବାକୁ ପଡେ । ଗୋଟିଏ ବସା ତିଆରି କରିବା ପାଇଁ ପନ୍ଦର ଦିନ ସମୟ ଲାଗେ।

ହଂସ, ସାରସ ଆଦି ଯୋଡ଼ା ପରସ୍ପର ପ୍ରତି ସବୁ ଠାରୁ ବିଶ୍ୱସ୍ତ । ମାଈ ହଂସ ଅଣ୍ଡା ଦେବାଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପୁରୁଷ ହଂସ ହିଁ କରିଥାଏ । ସେମାନେ ପରସ୍ପର ବେକ ଓ ଥଣ୍ଟ କୁ ଯୋଡି ଏକ ହୃଦୟାକୃତିର ସଙ୍କେତ ତିଆରି କରନ୍ତି।

ମହୁମାଛି, ଓପସମ୍ ଓ ବହୁପ୍ରଜାତି ବଂଶ ରକ୍ଷା କରିବା ପାଇଁ ଜୀବନରେ ଥରେ ମାତ୍ର ସାଥି ସହ ପ୍ରଣୟ ମିଳନ କରନ୍ତି । ଠିକ୍ ପରେ ପରେ ସେମାନଙ୍କ ଦୁଃଖଦ ମୃତ୍ୟୁ ଘଟେ । ଛୁଆମାନେ ସ୍ୱଂୟ ସମ୍ପୂର୍ଣ୍ଣ ଭାବେ ବଡ ହୁଅନ୍ତି ଓ ପିତାମାତାଙ୍କ ପରି ସମଦଶା ଭୋଗନ୍ତି।

କେତେକ ପଶୁପକ୍ଷୀ ସେମାନଙ୍କ ସାଥୀ କୁ ମନାଇବା ପାଇଁ ଲାଞ୍ଚ ଦିଅନ୍ତି । ବିଭିନ୍ନ ପ୍ରକାର ନୃତ୍ୟ ଓ ସଂଗୀତ ମାଧ୍ୟମରେ ସେମାନେ ସାଥିକୁ ପ୍ରଲୋଭିତ କରିବା ପାଇଁ ଚେଷ୍ଟା କରନ୍ତି ।

ବହୁ ଜୀବଜନ୍ତୁ ସେମାନଙ୍କ ଶାବକ ମାନଙ୍କୁ ବଡ଼ କରିବାର ଦାୟିତ୍ୱ ମିଳିମିଶି ନିଅନ୍ତି । ପେଚା, ବାଇ ଚଢେଇ, ଓ କୋଚିଲା ଖାଇ ଚଢେଇ ମା ମାନେ, ଛୁଆ ବଡ଼ ନହେବା ପର୍ଯ୍ୟନ୍ତ ବସାରୁ ପଦାକୁ ଆଦୌ ବାହାରନ୍ତି ନାହିଁ । ଏହି ସମୟରେ ପୁରୁଷ ସାଥି ଅକ୍ଲାନ୍ତ ପରିଶ୍ରମ କରି ତାର ପରିବାରକୁ ପ୍ରତିପୋଷଣ କରେ ।

ସାପ ଅଣ୍ଡାରୁ ଛୁଆ ବାହାରିବା ପର୍ଯ୍ୟନ୍ତ ଜଗି ନିଏ। ଏହି ସମୟରେ ସେ କୌଣସି ଖାଦ୍ୟ ଖାଇ ନଥାଏ। ଜନ୍ମ ପରେ ପରେ ଛୁଆ ମାନଙ୍କ ସହିତ ମା ର କୌଣସି ସମ୍ପର୍କ ରହେ ନାହିଁ। ମା ଓ ଛୁଆ ସ୍ୱାଧୀନ ଭାବେ ବିଚରଣ କରନ୍ତି। ସାପକୁ ଭୋକ ଲାଗୁଥିଲେ, ସେ କେତୋଟି ଛୁଆଙ୍କୁ ଉଦରସ୍ଥ କରି ନିଜର ଭୋକ ମେଣ୍ଟାଏ । କଇଁଛ ତାର ଅଣ୍ଡା ଦେଇ ସାରିଲା ପରେ ଗଭୀର ସମୁଦ୍ରକୁ ଚାଲିଯାଏ। ତାର ଛୁଆମାନଙ୍କ ସହିତ କୌଣସି ସଂପର୍କ ରଖି ନଥାଏ ।

ଇଲିଶି ମାଛ ମଧୁର ନଦୀଜଳରେ ଜନ୍ମ ନେଇ ଗଭୀର ସମୁଦ୍ର ଭିତରକୁ ଚାଲିଯାଏ। କିନ୍ତୁ ନିଜର ସହଜାତ ପ୍ରବୃତ୍ତି ଅନୁଯାୟୀ ବୟସ୍କ ହେଲା ପରେ, ନିଜର ସାଥି ଚୟନ କରିବା ପାଇଁ ପୁଣି ସେହି ନିର୍ଦ୍ଦିଷ୍ଟ ଜନ୍ମସ୍ଥାନକୁ ଫେରି ଆସେ ।

ଗଭୀର ସମୁଦ୍ରରେ କଇଁଛ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଶହଶହ ମାଇଲ ଯାତ୍ରା କରିଥାଏ ଏପରିକି ତାର କଚ୍ଛପ ଗତିରେ ସେ ବିଶ୍ୱର ବହୁ ଦେଶ, ମହାଦେଶ, ମହାସାଗର ନିର୍ବିଘ୍ନରେ ଅତିକ୍ରମ କରେ। ସେ ତାର ନିର୍ଦ୍ଦିଷ୍ଟ ଗତିପଥ (Track) କୁ ସବୁବେଳେ ମନେ ରଖିଥାଏ । ଜୀବଜଗତର ସବୁଠାରୁ ଅଧିକ ପରମାୟୁ ରେକର୍ଡର ଅଧିକାରୀ ଏହି ସୁନ୍ଦର ଜୀବଟିର ଜୀବନ କାଳ ୬୦୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

ନିଶ୍ଚିତ ମୃତ୍ୟୁ ଜାଣି ସୁଦ୍ଧା ପୁରୁଷ ବୁଢିଆଣୀ ପ୍ରଣୟ ମିଳନ ପାଇଁ ଲୋଭ ସମ୍ବରଣ କରିପାରେ ନାହିଁ । ପ୍ରଣୟ ମିଳନ ଠିକ ପରେ ପରେ ସାଥି ବୁଢିଆଣୀ (ଦେଖିବାକୁ ଅପେକ୍ଷାକୃତ ବଡ) ପୁରୁଷକୁ ମାରି ଖାଇଦିଏ ତେବେ କେତେକ ଚାଲାକ ପୁରୁଷ ବୁଢିଆଣୀ ଏଥିରୁ ବର୍ତ୍ତିଯାନ୍ତି । ସେମାନେ ସାଥିକୁ ପେଟପୂରା ଆହାର କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ହଜାର ହଜାର ମାଇଲ ଅତିକ୍ରମ କରି ଆସୁଥିବା ପକ୍ଷୀ ଦଳ ସୁରକ୍ଷାଗତ କାରଣରୁ ଇଂରାଜୀ ଅକ୍ଷର ଭି,(V) ଆକାରରେ ଆସନ୍ତି ଓ ଭି ଅକ୍ଷରର ମୁନିଆଁ ଜାଗାରେ ଉଡୁଥିବା ପକ୍ଷୀଟି ପାଇଲଟର ଭୂମିକା ତୁଲାଇଥାଏ । ବେଳେ ବେଳେ ସେମାନେ ୧୫ ଦିନ ଧରି ଆକାଶରେ ଉଡ୍ଡୀୟମାନ ଅବସ୍ଥାରେ ରହନ୍ତି। ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳକୁ ଉଡୁଥିବା ବେଳେ ଅନ୍ୟମାନେ କେବଳ ପାଇଲଟ ପକ୍ଷୀ ଅନୁସରଣ କରନ୍ତି । ପାଇଲଟ ପକ୍ଷୀଟି ହାଲିଆ ହୋଇଗଲେ ପଛକୁ ଚାଲିଯାଏ ଓ ଆଉ ଗୋଟିଏ ପକ୍ଷୀ ତା ସ୍ଥାନ ଗ୍ରହଣ କରେ । ସହଜାତ ଗୁଣ ଯୋଗୁଁ ସଠିକ ଦିଗ ନିର୍ଣ୍ଣୟ କରିବା କ୍ଷମତା ସମସ୍ତଙ୍କର ଥାଏ।

କଙ୍କଡା ବିଛା ନିଜର ନିଶ୍ୱାସ ପ୍ରଶ୍ୱାସକୁ ୬ ଦିନ ପର୍ଯ୍ୟନ୍ତ ଅଟକାଇ ପାରେ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ପାରାଦ୍ୱୀପରେ ହେବ ନୂଆ ଏୟାରପୋର୍ଟ



ଭୁବନେଶ୍ୱର, (ଭିଓଭି): ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର (ଝଔଓଇ) ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଡମା, ସତୀଭଡା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ ଏବଂ ଉକହ୍ଲୋ ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ ରାଜ୍ୟର ୧୫ଟି ଜିଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ଈଚଇଉ)ର ବିକାଶ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା । ନୋଡାଲ ଏଜେନ୍ସି ଭାବେ ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ ଏବଂ ଡ୍ରୋନ ହବ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏଥିସହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ ।

ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍ ଏମ୍.ଡି ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ ଦେବଦତ୍ତା ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂରକ୍ଷଣ ସୀମା ୬୮%କୁ ବଢ଼ାଇବାକୁ ଖଡଗେଙ୍କ ଦାବି

ବେଙ୍ଗାଲୁରୁ, (ଭିଓଭି): ଜାତି ଜନଗଣନାକୁ ନେଇ ଦେଶର ରାଜନୀତି ପୁଣି ଉଷ୍ମ ହୋଇଛି । କର୍ଣ୍ଣାଟକର ହୁବଲିରୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଏବେ ସଂରକ୍ଷଣ ଉପରେ ସିଧାସଳଖ ବାଜି ମାରିଛନ୍ତି । ସେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ଯେ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ୬୮ ପ୍ରତିଶତକୁ ବୃଦ୍ଧି କରାଯାଉ । ଏହା ସହିତ ଜାତି ଜନଗଣନା ପାଇଁ ତିନି ମାସର ସମୟସୀମା ମଧ୍ୟ ସ୍ଥିର କରାଯାଉ । ଖଡଗେଙ୍କ ମତରେ, ଯେତେବେଳେ ତାମିଲନାଡୁରେ ୬୮ ପ୍ରତିଶତ ସଂରକ୍ଷଣ ସମ୍ଭବ, ତେବେ ସାରା ଦେଶରେ କାହିଁକି ନୁହେଁ? ସେ ଅଭିଯୋଗ କରିଛନ୍ତି ଯେ ଜାତି ଜନଗଣନା ସମ୍ପର୍କରେ କେନ୍ଦ୍ରର ଉଦ୍ଦେଶ୍ୟ ସନ୍ଦେହଜନକ । ଯଦି ସରକାର ପ୍ରକୃତରେ ଏହା କରିବାକୁ ଚାହୁଁଥାନ୍ତେ, ତେବେ ୨୦୨୧ ଜନଗଣନା ଠିକ୍ ସମୟରେ ହୋଇଥାନ୍ତା । ସେତେବେଳକୁ ଦେଶ ଜାଣିସାରିଥିବ ଯେ କେଉଁ ବର୍ଗର ସାମାଜିକ-ଆର୍ଥିକ ଅବସ୍ଥା କ'ଣ । ଏହା ସ୍ପଷ୍ଟ ଯେ କଂଗ୍ରେସ ଏବେ ସଂରକ୍ଷଣ ପ୍ରସଙ୍ଗରେ ବିଜେପିକୁ ଘେରିବା ମୁଡ୍‌ରେ ଅଛି । ଏବଂ ଏହି ପ୍ରସଙ୍ଗ କେବଳ ପରିସଂଖ୍ୟାନ ବିଷୟରେ ନୁହେଁ, ଏହା ଦେଶର କୋଟି କୋଟି ଯୁବକଙ୍କ ଭବିଷ୍ୟତ ସହିତ ଜଡିତ । ଯେତେବେଳେ ଜାତି ଜନଗଣନା ହେବ, ସେତେବେଳେ ଆମେ ଦେଖିବା । କିନ୍ତୁ ଏବେ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହିତ ସଂରକ୍ଷଣ ମୋର୍ଚ୍ଚାରେ ଆଗକୁ ଆସିଛି ।



## କିଟ୍‌ରେ ପୁଣି ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା

## ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, (ଭିଓଭି): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସୁରେଶ ପୂଜାରୀ କହିଛନ୍ତି, କିଟରେ ଏମିତି ବାରମ୍ବାର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବାସ୍ତବରେ ଚିନ୍ତାଜନକ । ସରକାର ଘଟଣା ଉପରେ ନଜର ରଖିଛନ୍ତି । ସରକାର ଅନୁଧ୍ୟାନ କରୁଛନ୍ତି । ଯୁବପିଢ଼ି ଆତ୍ମହତ୍ୟା ଆଡ଼କୁ ମୁହାଁଉଛନ୍ତି । କାହିଁକି କିଟରେ ଏମିତି ବାରମ୍ବାର ଘଟୁଛି । ଛାତ୍ରଛାତ୍ରୀଙ୍କ ଉପରେ ଚାପ ରହିଛି କି ସେନେଇ ତଦନ୍ତ କରାଯାଉଛି । ଏଣେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି । ପୁଲିସ ଯାହା କରିବା କଥା କରୁଛି । ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୂଚନାଯୋଗ୍ୟ, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ବିଦେଶୀ ଛାତ୍ରୀ ଜୀବନ ହାରିଥିବା ନେଇ ଗୁରୁବାର



ସନ୍ଧ୍ୟାରେ ସୂଚନା ମିଳିଥିଲା । ମୃତ ଛାତ୍ରୀ ପ୍ରୀଶା ଶାହ ନେପାଳର ବୀରଗୁଂଜର ବାସିନ୍ଦା । ତାଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । କିଟ୍ ଛାତ୍ରୀନିବାସ ଭିତରେ ନେପାଳୀ ଛାତ୍ରୀ ଜୀବନ ହରାଇଥିବା ନେଇ ପୁଲିସ କମିସନର ସୁରେଶ ଦେବଦତ୍ତ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ସୁରେଶ ପୂଜାରୀ କହିଛନ୍ତି, କିଟରେ ଏମିତି ବାରମ୍ବାର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବାସ୍ତବରେ ଚିନ୍ତାଜନକ । ସରକାର ଘଟଣା ଉପରେ ନଜର ରଖିଛନ୍ତି । ସରକାର ଅନୁଧ୍ୟାନ କରୁଛନ୍ତି । ଯୁବପିଢ଼ି ଆତ୍ମହତ୍ୟା ଆଡ଼କୁ ମୁହାଁଉଛନ୍ତି । କାହିଁକି କିଟରେ ଏମିତି ବାରମ୍ବାର ଘଟୁଛି । ଛାତ୍ରଛାତ୍ରୀଙ୍କ ଉପରେ ଚାପ ରହିଛି କି ସେନେଇ ତଦନ୍ତ କରାଯାଉଛି । ଏଣେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି । ପୁଲିସ ଯାହା କରିବା କଥା କରୁଛି । ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରାଥମିକ ସୂଚନା ଅନୁଯାୟୀ ନେପାଳର ଛାତ୍ରୀ ପ୍ରୀଶା ଶାହ କିଟ୍‌ରେ ଇଂଜିନିୟରିଂ ପଢୁଥିଲେ । ସେ କମ୍ପ୍ୟୁଟର ସାଇନ୍ସ ବିଷୟରେ ପ୍ରଥମ ବର୍ଷର ଛାତ୍ର ଥିଲେ ଏବଂ ଛାତ୍ରାବାସରେ ରହୁଥିଲେ ବୋଲି କୁହାଯାଉଛି । କ୍ୟାମ୍ପସ୍ରେ ଛାତ୍ରୀ ଜଣକ ଜୀବନ ହାରିଛନ୍ତି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ଏଯାଏଁ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ । ତେବେ ଏନେଇ କିଟ୍ ପକ୍ଷରୁ ପ୍ରତିକ୍ରିୟା ମିଳିପାରି ନାହିଁ । ଉଲ୍ଲେଖଯୋଗ୍ୟ, ଦେଶର ଏହି ଜଣାଶୁଣା ଶିକ୍ଷାନୁଷ୍ଠାନରେ ଗତ କିଛି ମାସ ପୂର୍ବରୁ ଜଣେ ଛାତ୍ରୀ ଜୀବନ ହାରିଥିଲେ । ସଂପୃକ୍ତ ଛାତ୍ରୀ ଜଣକ ମଧ୍ୟ ନେପାଳର ବାସିନ୍ଦା ଥିଲେ ଏବଂ କିଟ୍ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ବେଳେ ହଷ୍ଟେଲରେ ରହୁଥିଲେ । ଛାତ୍ରୀଙ୍କ ମୃତ୍ୟୁ ନେଇ ଓଡ଼ିଶା ସମେତ ଦେଶର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା ।

## ଭୁବନେଶ୍ୱର ବିମାନବନ୍ଦରରୁ କଟକ ବଡ଼ମେଡିକାଲ ଯାଏଁ ଗଡ଼ିବ ମେଟ୍ରୋ ଟ୍ରେନ୍

ଭୁବନେଶ୍ୱର (ଭିଓଭି): ରାଜ୍ୟ ସରକାର ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ମେଟ୍ରୋ ଟ୍ରେନ୍ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ବସଷ୍ଟାଣ୍ଡ ଓ କଟକ ବଡ଼ମେଡିକାଲ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ । ଲୋକଙ୍କ ସୁବିଧା ଦୃଷ୍ଟିରୁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ମେଟ୍ରୋ ପାଇଁ ଏକ କମିଟି ଗଠନ କରାଯାଇଛି । ଦେଶର ବିଭିନ୍ନ ମହାନଗରରେ ଚାଲୁଥିବା ମେଟ୍ରୋର ଅନୁଧ୍ୟାନ କରୁଛି କମିଟି ଏହି କମିଟି । ନୂଆ ଡିପିଆର ପ୍ରସ୍ତୁତ କରାଯାଉଛି । କେବଳ ରାଜ୍ୟ ପାଣ୍ଠିରୁ ନୁହେଁ, କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ତିଆରି ହେବ । ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ତ୍ତୃପକ୍ଷ କହିଛନ୍ତି ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପ୍ରକଳ୍ପର କାମ ୨୦୨୭ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା ହୋଇଛି । ଭୂପୃଷ୍ଠରୁ



୫୦ରୁ ୬୦ ଫୁଟ ତଳୁ ମାଟି ନେଇ ଲ୍ୟାବ୍‌ରେ ପରୀକ୍ଷା କରାଯାଇଛି । ଭୁବନେଶ୍ୱରରେ ଭୂପୃଷ୍ଠରୁ ୧୩ଫୁଟ୍ ଉଚ୍ଚରେ ମେଟ୍ରୋ ରେଳ ଗଡ଼ିବ । ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଆବଶ୍ୟକତା ଅନୁଯାଇ ହେବ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ଏସ୍‌ସିବି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ପାଇଁ ଷ୍ଟେସନ ରହିବ । ଉଭୟ ଆରମ୍ଭ ଓ ଶେଷ ଷ୍ଟେସନ ମଝିରେ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟବିହାର ଛକ, ଜୟଦେବବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଂଟର, ଡମଣା ଛକ, ପଟିଆ ଛକ, କିଟ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲପୋଖରୀ, ତ୍ରିଶୁଳିଆ, କଟକ ବସ୍‌ଷ୍ଟାଣ୍ଡ ରହିବ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହର ଅନ୍ୟ ଅଂଚଳରେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ ।

## ସଂ ପା ଦ କୀ ୟ

# ହଜିଗଲାଣି ପୋଖରୀ ତୁଠ

କଥାରେ କୁହନ୍ତି ବାଘ ଓ ଛେଳି କେବେ ବି ଗୋଟିଏ ତୁଠରୁ ପାଣି ପିଇ ପାରିବେ ନାହିଁ। ପୁରୁଣା କାଳିଆ ରୂଢ଼ି ଅନୁସାରେ ଉଭୟ ଖାଦ୍ୟ ଓ ଖାଦକ ଯୋଗୁ ଗୋଟିଏ ତୁଠରୁ ପାଣି ପିଇବା ସମ୍ଭବ ନୁହେଁ। ଆମେସବୁ ପିଲାଦିନେ ଗାଆଁ ପୋଖରୀରେ ସ୍ନାନ ଓ ଶୌଚ ଇତ୍ୟାଦି କରିଥିବାରୁ ସେ ସମ୍ବନ୍ଧରେ କିଛି କଥା ଆଜି ମନେ ପଡ଼ିଗଲା। ତୁଠ ମାନେ ସାଧାରଣତଃ ସମସ୍ତେ ଜାଣିଥାନ୍ତି ଗାଧୁଆ ତୁଠ। କିନ୍ତୁ ତୁଠ ଯେ ବିଭିନ୍ନ ପ୍ରକାରର ଅଛି ଓ ତାହାର ଆବଶ୍ୟକତା ମଧ୍ୟ ଅଲଗା ପ୍ରକାରର ତାହା କେବଳ ଗାଁରେ ପିଲାଦିନ ବିତାଇଥିବା ଜଣେ ଅନୁଭବି ହିଁ ଅନୁଭବ କରି ପାରିବ।

ପ୍ରଥମ ତୁଠଟିକୁ ପୁରୁଷ ତୁଠ ବା ଅଣ୍ଡିରା ତୁଠ ବୋଲି କୁହାଯାଏ। ସମସ୍ତ ପୁରୁଷ ଲୋକ ସେହି ତୁଠ ରେ ନିଜର ସ୍ନାନ କର୍ମ ଇତ୍ୟାଦି କରିଥାନ୍ତି। ତୁଠଟି ଅପେକ୍ଷାକୃତ ଭାବେ ଗଭୀର ଥାଏ, କାରଣ ପୁରୁଷ ଲୋକମାନେ ସାଧାରଣତଃ ଗାଧୋଇବା ବେଳେ ଟିକେ ଭିତରକୁ ଯାଇ ପହଁରା ପହଁରି କରିଥାନ୍ତି। ଟୋକା ଟୋକାଳିଆ ମାନେ ଢ଼ିଙ୍କି ଲାଞ୍ଜି (ପୋଖରୀ ମଝିରେ ପୋତା ଯାଇଥିବା ଏକ କାଠ ଖୁମ୍ବ) ପର୍ଯ୍ୟନ୍ତ ପହଁରିବା ପ୍ରତିଯୋଗିତା ସର୍ବଦା କରିଥାନ୍ତି। ତୁଠ ପାହାଚରେ ଖଦ ଖଦଡିଆ ତିନି ଚାରୋଟି ପଥର ନିଶ୍ଚିତ ରହିଥାଏ। ସେଥିରେ ପାଦ ଓ ଗୋଇଠି ଘଷିବା କାମଟି ସୁରୁଖୁରୁରେ ହୋଇ ପାରିଥାଏ। ସକାଳୁ ସେହି ତୁଠରେ ଗବ, ନିମ୍ବ, ସାଲୁଆ, ସାହାଡ଼ା କାଠର ଦାନ୍ତ କାଠି ମାଧ୍ୟମରେ ଦାନ୍ତ ଘଷି ଜିଭ ଛାଲିବା କାମ ବି କରିଥାନ୍ତି। ମଝିରେ ମଝିରେ ସେହି ଭଙ୍ଗା ଦାନ୍ତକାଠିକୁ ଏକତ୍ରିତ କରି ନିଆଁ ଲଗାଇ ଦିଆଯାଏ।

ଦ୍ୱିତୀୟ ତୁଠଟି ହେଉଛି ମହିଳାଙ୍କ ତୁଠ ବା ମାଇକିନା ତୁଠ। ସେହି ତୁଠ'ଟିରେ ସ୍ତ୍ରୀ ଲୋକ ମାନେ ସ୍ନାନ ଇତ୍ୟାଦି କର୍ମ କରିଥାନ୍ତି। ପୁରୁଷଙ୍କ ତୁଠ ତୁଳନାରେ ସେହି ତୁଠର ଗଭୀରତା ଟିକେ କମ୍ ହୋଇଥାଏ। କାରଣ ସ୍ତ୍ରୀ ଲୋକମାନେ ବେଶୀ ଗଭୀରକୁ ଯାଆନ୍ତି ନାହିଁ କି ପହଁରି ନଥାନ୍ତି। ତୁଠରେ ଭଲ ପାଲସ ପଥରର ପାହାଚ କିଛି ଥାଏ, ଯେଉଁଥିରେ କି ସେମାନେ ଘରର ଲୁଗାପଟା କାଚିବା କାମଟି କରିଥାନ୍ତି।



ତୃତୀୟ ତୁଠ'ଟି ହେଉଛି ଶୌଚ ତୁଠ। ସେ ସମୟରେ ପ୍ରାୟ ଲୋକଙ୍କ ଘରେ କିମ୍ବା ବାରିପଟେ ପାଇଖାନା ନଥିବାରୁ ଲୋକେ ପୋଖରୀ ପାଖ ବିଲ, ପୋଖରୀ ହୁଡ଼ା , ବୁଦା କିମ୍ବା ଜଙ୍ଗଲିଆ ଯାଗାକୁ ଯାଇ ସକାଳ କର୍ମଟି ସାରି ପୋଖରିର ଶୌଚ ତୁଠରେ ଶୌଚ ହୋଇ ଥାଆନ୍ତି।

ଚତୁର୍ଥ ତୁଠ'ଟିକୁ ଧୋବା ତୁଠ କୁହାଯାଏ। ଏହି ତୁଠରେ ଗୋଟିଏ ବଡ ପଥର ତଳେ ପଡ଼ିଥାଏ ଓ ସେହି ପଥରକୁ ଢେରା ଦେଇ ଆଉ ଗୋଟେ ପଥରକୁ ଶୁଆଇବା ଭଳି ରଖା ଯାଇଥାଏ। ପାଖରେ ଗୋଟେ ମଜବୁତ୍ କାଠର ବଡ ବାଡ଼ି ମଧ୍ୟ ପୋତା ଯାଇଥାଏ। ତା ନିକଟରେ ତିନୋଟି ପଥର ପଡ଼ି ଗୋଟେ ଚୁଲା ଓ ମାଟିର ବଡ ହାଣ୍ଡିଟିଏ ବି ଥାଏ। ଗାଆଁ ଲୋକମାନଙ୍କର ବିଶେଷ କରି ସ୍ତ୍ରୀ ଲୋକ ମାନଙ୍କ ଅଶୌଚ ଲୁଗା , ଛୁତିକିଆ (ଛୁଆ ପିଲା ଜନ୍ମ ହେଲେ ଓ ମୃତିକିଆ (କାହାର ମୃତ୍ୟୁ ହେଲେ) ବେଳର ସମସ୍ତ ଛୁଆଁ ଲୁଗା ପଟା, ମଶିଣା ଓ ଶେଯ ଇତ୍ୟାଦି ଆଣି ଏହି ତୁଠରେ ଥିବା ଚୁଲିରେ ପାଉଁଶ, ସୋଡା ପାଣିରେ ସିଝାଇ ବଡ ପଥରରେ ବାଡେଇ କଚା ଯାଇଥାଏ। ତାପରେ ପାଖରେ ପୋତାଯାଇଥିବ ମଜଭୁତ ଖୁଣ୍ଟରେ ବଡ ବଡ ଓଜନିଆ ଶେଯ ଓ ଗନ୍ଥା ସବୁକୁ ଚିପୁଡି ଏ ସବୁକୁ ଶୁଖାଇ ଘରେ ନେଇ ପୁଣି ଫେରାଇଥାଏ। ପାରିଶ୍ରମିକ ଭାବରେ ସେ ଧୋବାକୁ ବାର୍ଷିକ ବର୍ତ୍ତନ ମିଳୁଥିବାରୁ ଏସବୁ କର୍ମ ପାଇଁ ଗାଁ ଠାକୁରଙ୍କ ଜମି କିଛି ଚାଷ କରେ ଏବଂ ପର୍ବ-ପର୍ବାଣୀ'ରେ ସମସ୍ତଙ୍କ ଘରୁ ଆସି ଖାଇବା ଜିନିଷ ଓ ଚାଉଳ ନେଇଥାଏ।

ପଞ୍ଚମ ତୁଠଟି ହେଲା ଗୋରୁ ତୁଠ। ଗୋପାଳ ଘର ପିଲା ଗାଁ ଯାକର ଗୋରୁ, ଗାଈଙ୍କୁ ଚରାଇ ମୁହଁ ସନ୍ଧ୍ୟା ବେଳକୁ ପୋଖରୀର ଏହି ନିର୍ଦ୍ଦିଷ୍ଟ ତୁଠକୁ ସେମାନଙ୍କୁ ଆଣି ପାଣି ପିଆଇ ଘରେ ଛାଡ଼ିଥାଏ।

ଷଷ୍ଠ ତୁଠଟି ଜଣା ପଡ଼ିନଥାଏ। ତାକୁ ଦଶ ତୁଠ ବା ଅଶୁଭ କାମ ତୁଠ ବୋଲି କୁହା ଯାଇଥାଏ। ଗାଁରେ କେହି ମୃତ୍ୟୁ ବରଣ କଲେ ସେହି ତୁଠରେ ଶୁଦ୍ଧି କର୍ମ ହୋଇଥାଏ। ବାଉଁଶ ପୋତି, ତାଳ ବରଡ଼ାରେ (ତାଳ ଗଛର ପତ୍ର) ଏକ ଛୋଟିଆ ଛାମୁଣ୍ଡିଆ କରି ଏହି ଠାରେ ପ୍ରେତ ଶୁଦ୍ଧି କର୍ମ କରାଯାଇଥାଏ। ପୋଖରୀ ଗୋଟିଏ କିନ୍ତୁ ତୁଠ ଅନେକ। ସମସ୍ତ ତୁଠ'ର କାମ ଅଲଗା ପ୍ରକାର। ସେହି ସମାନ ପୋଖରୀରେ ଶୌଚ, ସ୍ନାନ, ଦାନ୍ତ ଘଷା, ଲୁଗା ସଫା, ଗାଈ-ଗୋରୁଙ୍କ ଗାଧୁଆ ଇତ୍ୟାଦି ହୋଇଥିଲେ ମଧ୍ୟ ପାଣିର ପ୍ରଚୁର ମାତ୍ରାର ଦ୍ରବଣ ଶକ୍ତି ପାଇଁ ପାଣିକୁ ନେଇ କାହାର କୌଣସି ରୋଗ ହେବାର ଆଶଙ୍କା ନଥାଏ। ଗ୍ରୀଷ୍ମ ଋତୁରେ ଯେତେବେଳେ ପାଣିର ଅଭାବ ପରିଲକ୍ଷିତ ହୁଏ ସେତେବେଳେ ଗ୍ରାମବାସୀମାନେ ସେହି ସମାନ ପୋଖରୀର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର ମଧ୍ୟ କରିଥାନ୍ତି। ଏବେ ସରକାର ପୋଖରୀ ସବୁର ପୁନରୁଦ୍ଧାର କରୁଛନ୍ତି। ପ୍ରାଚୀନ ଓ ଐତିହ୍ୟ ପୁଷ୍କରିଣୀ ସବୁର ପୁନରୁଦ୍ଧାର ନିମିତ୍ତ ପ୍ରଚୁର ଅର୍ଥରାଶିର ବ୍ୟବସ୍ଥା ମଧ୍ୟ କରୁଛନ୍ତି। ପୋଖରୀଟି ଏକ ଆଦର୍ଶ ପୋଖରୀରେ ବି ପରିଣତ ହୋଇଯାଉଛି। ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ, ବସିବା ପାଇଁ ଚୌକି, ଆଲୋକିକରଣ, ନୌକା ବିହାର ଇତ୍ୟାଦି ବ୍ୟବସ୍ଥା ହେଉଛି। କିନ୍ତୁ ପୋଖରୀ ଯେଉଁ କାମ ପାଇଁ ଉଦ୍ଦିଷ୍ଟ ସେହି କାମରେ ଆଉ ଲାଗୁନାହିଁ। ସମସ୍ତଙ୍କ ଘରେ ଗାଧୁଆ ଘର ଓ ପାଇଖାନା। ସମସ୍ତେ ଘରେ ଟେକା ପାଣିରେ ଗାଧୋଉ ଥିବାରୁ ସୂର୍ଯ୍ୟ ଆଲୋକ ସହ ବୁଡ଼ା ପାଣିରେ ଗାଧୋଇବା ପାଇଁ କାହା ପାଖରେ ଆଉ ସମୟ ନାହିଁ। ସେଥିପାଇଁ ପାଣି ପହଁରା ଆଜିକାଲିର ପିଲା ଶିଖିବା ସମ୍ଭବ ହେଉନି। ବିନା ସୂର୍ଯ୍ୟାଲୋକ ଓ ଟେକା ପାଣିରେ ବନ୍ଦ ଘର ଭିତରେ ଗାଧୋଇ ଆଜି ଆମେ ସମସ୍ତେ ପ୍ରାୟ ରୋଗାକ୍ରାନ୍ତ। ଗାଆଁ ଓ ସହର ପୋଖରୀର ଆବଶ୍ୟକତା ଏବେ କେବଳ ମୃତକ ପରିବାରର ଦଶାହ-ତୁଠ କର୍ମ ମଧ୍ୟରେ ସୀମିତ। ମୃତ ଲୋକଟିର ଶେଷ ଆବଶ୍ୟକତାକୁ ପୋଖରୀ ହିଁ ପୂରଣ କରୁଛି କହିଲେ ଠିକ୍ ହେବ। ପୋଖରୀ ଓ ତାହାର ବିଭିନ୍ନ ତୁଠ ବିଷୟରେ ଆଜିକାର ପିଲାମାନେ ଜାଣିବାର ଅବକାଶ ନାହିଁ ଏବଂ ତାହା ଏବେ ସେମାନଙ୍କ ପାଇଁ ଆଇମା କାହାଣୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଜ୍ଞାନ ରଞ୍ଜନ ମିଶ୍ର

# ଉଦ୍ଭଟ ବିଚାର



ସୋମେନ୍ଦୁ ଶତପଥୀ

କଥାରେ କୁହାଯାଏ 'ନିଃଶ୍ୱାସକୁ ବିଶ୍ୱାସ ନାହିଁ !'– ଏହି ଉକ୍ତି ପ୍ରତି ଆମର ବିଶ୍ୱାସ ଆସୁଥିବା ବେଳେ ଉଭୟ ନିଃଶ୍ୱାସ ଓ ବିଶ୍ୱାସର ଯେ କିଛି ଆଧାର ଅଛି ତାହା ସହଜ ବୋଧ ହୁଏନାହିଁ। ଏକ ମଞ୍ଚ(ଆଧାର) ବିନା ନାଟକ ଯେପରି ଅସମ୍ଭବ ସେପରି କାହାର ଉପସ୍ଥିତି ବ୍ୟତିରେକ ସଂସାର ଯେ ଗତିଶୀଳ ତାହା ମଧ୍ୟ ଅସମ୍ଭବ। ନାଟକର ବିଷୟରେ ମନୋନିବେଶ ହେତୁ ଉଭୟ ନାଟକ ଓ ମଞ୍ଚ ଦୃଶ୍ୟମାନ ହେଉଥିଲେ ମଧ୍ୟ ନାଟକ ବ୍ୟତୀତ ମଞ୍ଚର ଅନୁଭୂତି ହୋଇନଥାଏ। ଯେପରି ଚଳଚିତ୍ର ଗତିଶୀଳ ଥିଲେ ମଧ୍ୟ ଦୃଶ୍ୟର ବିଷୟବସ୍ତୁରେ ରମଣ କରିବା ହେତୁ ପରଦା ଥିଲେ ମଧ୍ୟ ପରଦାର ଜ୍ଞାନ ରହିନଥାଏ। ସେହିପରି ବାହ୍ୟଚକ୍ଷୁର ସୀମିତ ଶକ୍ତିରେ ଆଧାର ଦୃଶ୍ୟମାନ ହୋଇ ପାରୁନଥିବାରୁ ଆଧାର ସହଜ ସ୍ୱୀକାର ହୋଇପାରେ ନାହିଁ। ଦୃଶ୍ୟ ଓ ଦ୍ରଷ୍ଟା ମଧ୍ୟରେ ଏହି ସମ୍ପର୍କ ହିଁ ମାୟାର ତମସାଚ୍ଛନ୍ନ। ତେଣୁ କେବଳ ବିଷୟରୁ ନିବୃତ୍ତ ହୋଇ ଅନ୍ତର୍ଚକ୍ଷୁ ଦ୍ୱାରା ହିଁ ଅଦୃଶ୍ୟ ଆଧାରକୁ ଦେଖିବା ବା ଜାଣିବା ହୋଇଥାଏ। ଯେମିତି ଆମେ ମାଠିଆକୁ ଦେଖିବା ବେଳେ ମାଟିର ଜ୍ଞାନ ରହିନଥାଏ ଏବଂ ବିଚାର ପରେ ହିଁ ଏହି ବୋଧ ହୁଏ ଯେ, ବସ୍ତୁତଃ ମାଟି ହିଁ ମାଠିଆର ଆଧାର ଅଟେ। ଯେତେବେଳେ ଆମେ ମଞ୍ଚ ବା ପରଦାକୁ ଦେଖିବାକୁ ଚେଷ୍ଟା କରୁ ସେତେବେଳେ ମଞ୍ଚସ୍ଥ ବିଷୟବସ୍ତୁ ବା ପରଦାରେ ଗତିଶୀଳ ବିଷୟବସ୍ତୁର ଜ୍ଞାନ ହୋଇନଥାଏ। ଆମେ ଜାଣନ୍ତି ଯେ, ପ୍ରକୃତି ଏକ ନିର୍ଦ୍ଦିଷ୍ଟ ନୀତି ଓ ନିୟମରେ ପରିଚାଳିତ। ଯେମିତିକି ଦିନ ଓ ରାତି ହେବା, ଋତୁ ଚକ୍ର, ଜୀବନ ଚକ୍ର, ଖାଦ୍ୟଶୃଙ୍ଖଳା, ବାୟୁ ସର୍ବତ୍ର ଚଳନ ହେବା, ଜଳ ନିମ୍ନକୁ ଗତିଶୀଳ ହେବା, ଅଗ୍ନିର ଦାହିକାଶକ୍ତି ଉର୍ଦ୍ଧ୍ୱଗାମୀ ହେବା, ଆକାଶ ସବୁକିଛିକୁ ନିଜ ଭିତରେ ସମାହିତ କରିନେବା ଏବଂ ଗଛର ଫଳ ପାଚିବା ପରେ ଆପେ ଆପେ ତଳକୁ ଖସି ପଡ଼ିବା ଇତ୍ୟାଦି, ଇତ୍ୟାଦି। କ୍ଷୁଦ୍ରରୁ କ୍ଷୁଦ୍ରତ୍ତମ ଏବଂ ବୃହତ୍ ରୁ ବୃହତ୍ତମ ପ୍ରାଣୀ ପର୍ଯ୍ୟନ୍ତ ଶ୍ୱାସକ୍ରିୟା କରିବା ଓ ଖାଦ୍ୟର ବ୍ୟବସ୍ଥା, ଏପରିକି ପ୍ରତ୍ୟେକ ପ୍ରାଣୀ ନିଜ ନିଜର ସ୍ୱଭାବ ଅନୁଯାୟୀ ଖାଦ୍ୟ ଗ୍ରହଣ କରିବା ଓ ମଳତ୍ୟାଗ କରିବା, ସନ୍ତାନ ଉତ୍ପାଦନ କରିବା, ଆହୁରି ତ ଆହୁରି ସାବକର ଚଞ୍ଚୁରେ ପକ୍ଷୀ ଆହାର ଦେବା, ବାଛୁରୀ ଜନ୍ମ ମାତ୍ରେ ମା'ର ଥନ ଭାଣ୍ଡ ପାଖକୁ ଯିବା ଓ ମାତୃତ୍ୱ ପୂର୍ବରୁ ସନ୍ତାନ ପାଇଁ ସ୍ତନରେ ଦୁଗ୍ଧ ସଞ୍ଚାର ହେବା ପ୍ରଭୃତି ଅନାଦି କାଳରୁ ଏହି ସମସ୍ତ କ୍ରିୟା ବ୍ୟତିକ୍ରମ ବିହୀନ ସମ୍ପାଦିତ ହେବାହିଁ ସେମାନଙ୍କର ସନାତନ ଧର୍ମ। ଯାହାକୁ ଆମେ କହୁ ପ୍ରକୃତି ଏବଂ ଏହା ଏକ ସ୍ୱତନ୍ତ୍ର ବିଜ୍ଞାନ। ଅନ୍ୟ ପ୍ରାଣୀମାନଙ୍କ ପରି ସମାନ୍ତରାଳ ଭାବେ ପ୍ରକୃତିର ତଦନୁରୂପ ସ୍ୱାଭାବିକ ବ୍ୟବହାର କରିବା ହିଁ ମନୁଷ୍ୟର ଧର୍ମ ଏବଂ ପ୍ରତ୍ୟେକ ପ୍ରାଣୀମାନଙ୍କ ମଧ୍ୟରେ ସଂଘବଦ୍ଧ ଭାବେ ଏହାର ବ୍ୟତିକ୍ରମ ବିହୀନ ନିରନ୍ତର ଗତିଶୀଳ ହୋଇ ରହିବାକୁ ମାନବିକ ଧର୍ମ ଆଧାରରେ ଭିନ୍ନ ଭିନ୍ନ ଧର୍ମର ଉତ୍ପତ୍ତି। କିନ୍ତୁ ଦେଖାଯାଏ ଯେ, ମନୁଷ୍ୟ ଯେତେବେଳେ ସ୍ୱ-ସ୍ୱ ବ୍ୟକ୍ତିସତ୍ତା କେନ୍ଦ୍ରିତ ହୋଇଯାଏ ସେତେବେଳେ ଏହି ଧର୍ମଧାରାରେ ବିଘ୍ନ ଆସେ। ସୃଷ୍ଟିରେ ଏପରି କିଛି ନାହିଁ ଯାହାକୁ କେବଳ ଜଣେ ହିଁ ଉପଯୋଗ, ଉପଭୋଗ ବା ବ୍ୟବହାର କରିବ ! ସବୁବେଳେ ସବୁକିଛି ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିବାବେଳେ କେବଳ ମଣିଷ ଯେତେବେଳେ ଜଣେ ବ୍ୟକ୍ତି ଭାବରେ ନିଜେ ସବୁକିଛିକୁ ଆବୋରି ନେବାକୁ ଚେଷ୍ଟା କରେ ସେତେବେଳେ ସବୁକିଛି ଧର୍ମ ବିରୁଦ୍ଧ ହୁଏ। ଧର୍ମ କେତେବେଳେ ବି କାହାର ଅଧିକାର ନୁହେଁ ବରଂ ଯାହା ପ୍ରକୃତିଦତ୍ତ ସ୍ୱାଭାବିକ କ୍ରିୟା ତାହାହିଁ ଧର୍ମ। କିନ୍ତୁ, ଆମେ ସ୍ୱାର୍ଥପୂର୍ତ୍ତି ପରାୟଣ ହୋଇ ତାହାର ବିପରୀତ ଏବଂ ଅସ୍ୱାଭାବିକ ଆଚରଣ କଲେ ଯାଇଁ ଏହା ଆମ ଆଗରେ ସମସ୍ୟା ହୋଇ ଠିଆହୁଏ, ଯାହାକୁ ଆମେ କହୁ ଅଧର୍ମ। ଅର୍ଥାତ ମନର ବିଶାଳତା ବଦଳରେ ମନର ସଙ୍କୁଚିତ ଅବସ୍ଥା ବା ସଂକୀର୍ଣ୍ଣ ମାନସିକତା ଏହାର ମୂଳ କାରଣ।

ଆମର ଅପରିସୀମ ଚେତନାକୁ ଆମେ ବିଶ୍ୱାସ କରି ନପାରିବା କାରଣରୁ ସ୍ୱାଭାବିକ ଭାବରେ ଆମେ ତାହାକୁ ଏବଂ ତାହାର କ୍ଷମତାକୁ ଜାଣିବାରୁ ଦୂରେଇ ରୁହନ୍ତି। ଆମେ ଯେତେବେଳେ ଭୌତିକତାର ଉତ୍କର୍ଷରେ ମଦମସ୍ତ ହେଉଛନ୍ତି ବା ଅତ୍ୟଧିକ ବସ୍ତୁବାଦର ଶରଣାଗତ ହେଉଛନ୍ତି ସେତେବେଳେ ଆମର ନିଜର ଆତ୍ମୀୟ ସ୍ୱଜନ, ପରିବାର ଠାରୁ ନେଇ ପଡୋଶୀ, ସାଙ୍ଗସାଥୀ ପର୍ଯ୍ୟନ୍ତ ସମସ୍ତେ ସମାନ ଗୁଣଧର୍ମ ଆପଣେଇବା ଦ୍ୱାରା କେବଳ ଦେଣନେଣ ଧାରାରେ ଜୀବନ ଜୀଉଁଥିବା ବେଳେ ଜୀବନର ଧର୍ମ ଧାରଣାରୁ ବିଚ୍ୟୁତ ହେବା ହେତୁ ସାମାନ୍ୟ ସମ୍ପର୍କ କ୍ଷୁର୍ଣ୍ଣ ହେଉଛି। ଏହି କାରଣରୁ ହିଁ ପ୍ରତ୍ୟେକର ଅନ୍ତର୍ନିହିତ ଧର୍ମ ବୁଝିବାକୁ ଆମେ ଆଉ ସକ୍ଷମ ହୋଇ ରହିନାହୁଁ। ପ୍ରଶ୍ନ ହେଉଛି ! ଏପରି ସ୍ଥଳେ ଆମକୁ ଜୀବନର ଆନ୍ତରିକ ଉତ୍କର୍ଷତା ମିଳିବ କିପରି ?

ଆମେ ଆମର ସୀମିତ ଜ୍ଞାନ(ଭୌତିକ) ହେତୁ କିମ୍ବା ଅଜ୍ଞାନତା ହେତୁ ବା ପୂର୍ବରୁ କହିଥିବା ପ୍ରତ୍ୟେକର ଧର୍ମ ବିଷୟକ ମୌଳିକ ଜ୍ଞାନର ଅଭାବରୁ କେବଳ କିଛି ଆଡମ୍ବରକୁ ଧର୍ମର ବ୍ୟାପକତା ଭିତରେ ସୀମାବଦ୍ଧ କରିବା ହିଁ ଆମର ସୀମିତ ବିଚାର ବୁଦ୍ଧିର ପରିଚାୟକ ବା ସ୍ୱତଃ ପ୍ରମାଣ ଅଟେ। ଏପରି ସ୍ଥଳେ ସମଗ୍ର ଆଧାରକୁ ବୁଝିବା ଓ ସ୍ୱୀକାର କରିବା ଯେ କେବଳ ଅତୀବ କଷ୍ଟକର ତାହା ନୁହେଁ ବରଂ ଅସମ୍ଭବ। ଯଦିଓ ଆଧାର ସର୍ବଦା ଆମ ସହିତ ଓତଃପ୍ରୋତ ଭାବେ ଜଡ଼ିତ, ତେବେବି ଏହା ଆମର ସହଜ ବୋଧଗମ୍ୟ ହୁଏନାହିଁ।

ଅନେକ ସମୟରେ କର୍ମ ଜଞ୍ଜାଳର ମାନସିକ ଭାର ଲାଘବ କରିବା ପାଇଁ ଆମେ ପ୍ରକୃତିର କୋଳକୁ ଯିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥାଉ। ସେଠାରେ ଥିବା ପ୍ରାଣୀମାନଙ୍କ ରାବ ଶୁଣିଲେ, ବୃକ୍ଷଲତାକୁ ଦେଖିଲେ ଏବଂ ଝରଣାର କୁଳୁକୁଳୁ ନାଦକୁ କିମ୍ବା ବାରିପଟ ଟଗର ଗଛରେ ଟିକି ଚଢେଇର କିଚିରିମିଚିରି କିମ୍ବା ଆମ୍ବ ଗଛରେ କୋଇଲିର କୁହୁକୁହୁ ସ୍ୱର ଶୁଣିଲେ ଆମକୁ ଆନନ୍ଦ ମିଳେ। ତେବେ ପ୍ରଶ୍ନ ହେଉଛି, ଏପରି କାହିଁକି ହୋଇଥାଏ ? କେବେକେହି ଅନୁଧ୍ୟାନ କରିଛନ୍ତି କି ? କାରଣ ପ୍ରାଣୀ ମାତ୍ରକେ ଏବଂ ମନୁଷ୍ୟ ଭାବେ ଏହାହିଁ ଆମର ମୌଳିକତା ଏବଂ ଆମେ ଯେତେ ଉଗ୍ରଆଧୁନିକତାର ଶିଖରକୁ ଗଲେ ବି ଏହାହିଁ ମନୁଷ୍ୟର ଆଦିମ ସ୍ୱଭାବ। କିନ୍ତୁ ଆମର ବୋଧର ଅଭାବରୁ ଆମେ ତାହାକୁ ଦୀର୍ଘସୂତ୍ରରେ ଧରିରଖି ପାରିନଥାଉ। ଏହି ବୋଧର ଅଭାବ ହିଁ ସ୍ୱଭାବ ହୋଇଯାଇଥାଏ ଏବଂ ଏହାକୁ ଆମେ ଜୋରକରି ବାନ୍ଧି ରଖିଥାଉ। ଏଥିପାଇଁ ସର୍ବତ୍ର ଦୁଃଖ ତାହାର କାୟା ବିସ୍ତାର କରିଥିବା ବେଳେ ପ୍ରକୃତ ଆନନ୍ଦ ବୋଲି କିଛି ଅଛି ଏହା ବିଶ୍ୱାସ ହୁଏନାହିଁ। ତେଣୁ ପ୍ରଶ୍ୱାସ ଆସି ନିଃଶ୍ୱାସ ଯିବା ଭିତରେ ଏହି ଅନୁଭୂତିକୁ ସାଉଁଟି ନେବାହିଁ ଆମର ମୂଳ ଲକ୍ଷ୍ୟ ହେବା ଉଚିତ ଏବଂ କେବଳ ଏଥିପାଇଁ ହିଁ ଏହି ଶରୀରର ଉପଯୋଗୀତା ରହିଛି। ଯେଉଁ 'ନିଃଶ୍ୱାସକୁ ବିଶ୍ୱାସ ନାହିଁ' ବୋଲି ଆମେ ଜାଣୁଛନ୍ତି ପ୍ରକୃତ ପକ୍ଷେ ସେହି ସ୍ୱାଶ ବା ପ୍ରାଣବାୟୁର କୌଣସି ଅଭାବ ନାହିଁ, ଅଭାବ ତ କେବଳ ଏହି ଜଡ଼ ଶରୀରର ଥିବାବେଳେ ଆମର ସେହି ଧାରଣା ନରହିବା ଏବଂ ଶରୀରର ସ୍ଥାୟୀତ୍ୱ ନେଇ ନିଶ୍ଚିତ ହେବା କିମ୍ବା ପାରୁ ପର୍ଯ୍ୟନ୍ତ ଅନବରତ ଚେଷ୍ଟା କରିବା ହିଁ ଆମର ମୂଢତା ଅଟେ। କିନ୍ତୁ, ଏହାର ଅର୍ଥ ଏହା ନୁହେଁ ଯେ, ଶରୀରର ରକ୍ଷଣାବେକ୍ଷଣ ବା ତାହାର ସୁରକ୍ଷା ପ୍ରତି ଯତ୍ନଶୀଳ ନହେବା। ବରଂ ଏହାର ଅର୍ଥ ଏହା ଯେ, ଆମେ ଏହି ଜଡ଼, କ୍ଷଣଭଙ୍ଗୁର ପଦାର୍ଥର ଉପଯୋଗୀତା ପର୍ଯ୍ୟନ୍ତ ତାହାକୁ ରୋଗ, ଶୋକରୁ ସୁରକ୍ଷିତ ରଖି ଦେହାଭିମାନ ରହିତ ହୋଇ ଆମର ଉଦ୍ଦେଶ୍ୟ ସାଧନ କରିବା ଉଚିତ। ଯେପରି କୌଣସି ଔଷଧ କିମ୍ବା ଦ୍ରବ୍ୟ ତାହାର ଗୁଣବତ୍ତା ହରାଇବା ପୂର୍ବରୁ ଉପଯୋଗ କରିବା ଲାଭଦାୟକ ହୋଇଥାଏ।

ସିଏତ ସମର୍ଥ ପରୀକ୍ଷିତ ହିଁ ଥିଲେ ଯାହାଙ୍କୁ ଏହା ଜଣାଥିଲା ଯେ ତାଙ୍କର ଆୟୁ ଆଉ ମାତ୍ର ସାତ ଦିନ ଏବଂ ତଦନୁଯାୟୀ ସେ ତାଙ୍କର ଅବଶିଷ୍ଟ ଜୀବନକୁ ଏକ ଉଦ୍ଦେଶ୍ୟ ଦେଇଥିଲେ। ଏହା ବଦଳରେ ଆମର ଆୟୁ ନେଇ ଆମେ ସ୍ଥିର ନିଶ୍ଚିତ ନହୋଇ ଏବଂ 'ନିଃଶ୍ୱାସକୁ ବିଶ୍ୱାସ' ନଥିବା ଅର୍ଥାତ ଦେହ ନାଶ ହେବ ଏହାଜାଣି ମଧ୍ୟ ଆମେ ତଦନୁରୂପ ବ୍ୟବସ୍ଥା ପ୍ରତି ନିଶ୍ଚିତ ନୁହେଁ। ଅପରପକ୍ଷରେ ସମସ୍ତଙ୍କୁ 'ନିଃଶ୍ୱାସକୁ ବିଶ୍ୱାସ' ନଥିବା ଜଣାଥିଲେ ମଧ୍ୟ ତାହାର ଆଧାର ପ୍ରତି ଯାହାର ଶଙ୍କା ବା ସଂଶୟ ରହିତ ସ୍ଥିର ନିଶ୍ଚିତ ବୋଧ ହୋଇଥାଏ ଯୁଗେ ଯୁଗେ ତାହାର ହିଁ ଚର୍ଚ୍ଚା ହୋଇଥାଏ।

କାଳିକା ନଗର, ଢେଙ୍କାନାଳ
ମୋ-୯୯୩୮୮୧୨୪୯୯

# ପ୍ରଭାସିନୀ, ଦେବୀଙ୍କୁ ହୋମ୍‌ଗାର୍ଡ ଚାକିରି ସହ ୧୦ଲକ୍ଷ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଭିଓଭି):କଟକରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ ଜଗବନ୍ଧୁ ମାହାଲି ଏବଂ ଲୋକନାଥ ଶବର ଗତ ୨୨ତାରିଖରେ ପିସିଆର ଭ୍ୟାନ୍‌ରେ ଯିବା ସମୟରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିଲେ। ଡ୍ୟୁଟିରେ ଥିବା ସମୟରେ ଉଭୟଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇଛନ୍ତି। ଜଗବନ୍ଧୁଙ୍କ ସ୍ତ୍ରୀ ପ୍ରଭାସିନୀ ବେହେରା ଓ ଲୋକନାଥଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦୁଃଖ ସମୟରେ ସେମାନଙ୍କୁ ସହାୟତାର ହାତ ବଢ଼ାଇ ମୁଖ୍ୟମନ୍ତ୍ରୀ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଉଭୟେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମ୍‌ଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ସହ ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଭଲମନ୍ଦ ପଚାରିବା ସହ ଅଧୈର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସେମାନଙ୍କ ସହ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ସରକାରଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟେ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ପିସିଆର ଭ୍ୟାନ୍‌ରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ହୋମ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଦୀଘା ଜଗନ୍ନାଥ ମନ୍ଦିର

## 'ଧାମ' ଲେଖିବା ନେଇ ତେଜୁଛି ବିବାଦ, ମନ୍ତ୍ରୀ ଲେଖିଲେ ଚିଠି

ଭୁବନେଶ୍ୱର, (ଭିଓଭି): ପଶ୍ଚିମବଙ୍ଗର ଦୀଘାରେ 'ଜଗନ୍ନାଥ ଧାମ' ଲେଖିବା ପ୍ରସଙ୍ଗରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଦିନ ଶ୍ରୀମନ୍ଦିର ପ୍ରଶାସନକୁ ଅନ୍ତରୀଣ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାକୁ ବ୍ୟବସ୍ଥା କରାଯାଉ। କେହି ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡବିଧାନ ମଧ୍ୟ କରାଯାଉ ବୋଲି ସେ ଏକ ଚିଠି ଲେଖିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚିଠିରେ ଉଲ୍ଲେଖ କରି କହିଛନ୍ତି, ଗତ କିଛିଦିନଧରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛି ଦିନ ଧରି ଦ୍ୱନ୍ଦାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାରିତ ହେଉଛି । ପଶ୍ଚିମବଙ୍ଗର ଦୀଘା ଠାରେ ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ନିର୍ମାଣ, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଚର୍ଚ୍ଚା ବିଷୟ ସଂପୂର୍ଣ୍ଣ ଅଗ୍ରହଣୀୟ ଅଟେ ଏବଂ ଏଭଳି କଥା ଗୁଡ଼ିକ ଜଗନ୍ନାଥପେପ୍ରୀ, ଭକ୍ତ ସମାଜ ଓ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଅନୁଭବ ହେଉଛି। ଏହି କାରଣରୁ ସଂପୂର୍ଣ୍ଣ ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବା ପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଏକ ଚିଠି ପ୍ରେରିତ କରିଛି।

# ରଥଯାତ୍ରା ଇତିହାସରେ ପ୍ରଥମ

## ମୁତୟନ ହେବେ ଘରୋଇ ସୁରକ୍ଷା କର୍ମୀ, ଖର୍ଚ୍ଚ ହେବ ୧୪ଲକ୍ଷ ଟଙ୍କା

ପୁରୀ (ଭିଓଭି): ଘରୋଇ ସୁରକ୍ଷା କର୍ମୀ ମୁତୟନ ହେବେ। ରଥଯାତ୍ରା ବେଳେ ବିଭିନ୍ନ ପାର୍କିଂସ୍ଥଳ ଜଗିବେ। ଯାନବାହନ ନିୟନ୍ତ୍ରଣରେ ସାହାଯ୍ୟ କରିବେ। ଏଥିପାଇଁ ଖର୍ଚ୍ଚ ହେବ ୧୪ ଲକ୍ଷ ୧୬ ହଜାର ଟଙ୍କା। ରଥଯାତ୍ରା ଇତିହାସରେ ଏଭଳି ପ୍ରଥମ ଘଟଣା ଘଟିବାକୁ ଯାଉଛି। ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ହେବା ପରେ ପୁରୀ ଏସ୍‌ପି ଅତିରିକ୍ତ ଡିଜିଙ୍କୁ ଚିଠି ଲେଖିଛନ୍ତି। ବୈଠକର ନିଷ୍ପତ୍ତି ମୁତାବକ ଘରୋଇ ସଂସ୍ଥାଙ୍କଠାରୁ ଟେଣ୍ଡର ଆହ୍ୱାନ କରିବାକୁ ଅନୁମତି ମାଗିଛନ୍ତି। ତେବେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘରୋଇ ସଂସ୍ଥାଙ୍କ ନାମରେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦେଇ ମୋଟାଅଙ୍କର ହାତଗୁଞ୍ଜା ହାତେଇବା ପାଇଁ ଯୋଜନା ହୋଇଥିବା ଅଭିଯୋଗ ହୋଇଛି। ରଥଯାତ୍ରାରେ ହଜାର ହଜାର ଗାଡ଼ି ପୁରୀ ଆସେ। ସେମାନଙ୍କ ପାର୍କିଂ ପାଇଁ ସହରର ଉପକଣ୍ଠରେ ବିଭିନ୍ନ ଜାଗାରେ ବ୍ୟବସ୍ଥା ହୁଏ। ଛକ ଜାଗାମାନଙ୍କରେ ପୁଲିସ ଛିଡ଼ା ହୋଇ ପାର୍କିଂ ଜାଗାକୁ ଗାଡ଼ିଗୁଡ଼ିକୁ ପଠାଇ ଦିଏ। ପାର୍କିଂରେ ଗାଡ଼ି ରଖି ଭକ୍ତମାନେ ବଡ଼ଦାଣ୍ଡରେ



ପହଞ୍ଚିଥାନ୍ତି। କିନ୍ତୁ ପାର୍କିଂ ଜାଗାରେ ଏହି ଘରୋଇ ସୁରକ୍ଷାକର୍ମୀଙ୍କର କ'ଣ ଆବଶ୍ୟକତା ପଡ଼ିଲା ସେ ନେଇ ପ୍ରଶ୍ନ ଉଠିଛି। ପୁଲିସ କହୁଛି କି ଗାଡ଼ିଗୁଡ଼ିକର ସୁରକ୍ଷାର ଆବଶ୍ୟକତା ରହିଛି। ପାର୍କିଂ ଜାଗାରେ ଅନେକ ସମୟରେ ଗାଡ଼ିଗୁଡ଼ିକ ନିରାପଦରେ ରହୁ ନଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି। ଏ ନେଇ ଆଇନଜୀବୀ ଦେବାଶିଷ ଦାସ କହିଛନ୍ତି, ଗୋଟିଏ ପାର୍କିଂ ଜାଗାରେ ଯଦି ଦୁଇ ଜଣ ସୁରକ୍ଷାକର୍ମୀ ରୁହନ୍ତି ତେବେ ୧୦ଟି ଜାଗାରେ ୨୦ ଜଣ ରହିବେ। ୨୦ ଜଣଙ୍କୁ ୯ ଦିନ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଯଦି ଅଧିକ ସୁରକ୍ଷା କର୍ମୀ ନେବେ ତେବେ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ଦିଅନ୍ତୁ। ସେମାନେ ରୋଜଗାରକ୍ଷମ ହେବେ। ପାର୍କିଂ ଜାଗାରେ ସିସିଟିଭି ଲଗାଇଲେ ସୁରକ୍ଷା ବଢ଼ିବ ଓ କମ୍ ଖର୍ଚ୍ଚ ହେବ। ସୁରକ୍ଷା କର୍ମୀଙ୍କ ପିଛା ଏତେ ଟଙ୍କା ଖର୍ଚ୍ଚ କରିବା ବୁଦ୍ଧିମତାର କାମ ନୁହେଁ। ଜଣେ ସରକାରୀ ଅଧିକାରୀ କହିଛନ୍ତି, ଲୋକଙ୍କୁ ଦେଖାଇବା ପାଇଁ କେବଳ ଟେଣ୍ଡର ହେବ। କିନ୍ତୁ ଅଧିକାରୀମାନେ ଯେଉଁ ସଂସ୍ଥାକୁ ଚାହିବେ ସେହି ସଂସ୍ଥାରୁ ସୁରକ୍ଷା କର୍ମୀ ଆସିବେ। ସଂସ୍ଥା ଜରିଆରେ ଏହି ମୋଟାଅଙ୍କର ଅର୍ଥ ହଡ଼ପ ହେବ।

# ଜିଲ୍ଲା ସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ –ମଇ ମାସ ୨୩ ତାରିଖରୁ ରବି ଧାନ କ୍ରୟ

ବଲାଙ୍ଗିର (ଭିଓଭି): ବଲାଙ୍ଗିର ଜିଲ୍ଲାରେ ରବି ଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂ ଦେଓ , ଉପ ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ ମନ୍ତ୍ରୀ, ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ଙ୍କ ପ୍ରତିନିଧି ଜିଲ୍ଲା ପରଷଦ ଅଧ୍ୟକ୍ଷା ଦେବକୀ ସାହୁ , ବଲାଙ୍ଗିର ବିଧାୟକ ଙ୍କ ପ୍ରତିନିଧି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ ମହାପାତ୍ର , ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ର ସଭାପତି ଜତି ପ୍ରଧାନ , ଟିଟିଲାଗଡ ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରୀ , ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ , ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ଙ୍କ ସମେତ ଯୋଗାଣ ବିଭାଗ ,ସମବାୟ ବିଭାଗ ,କୃଷି ବିଭାଗ ,ଜଳସେଚନ ବିଭାଗ ,ନିୟନ୍ତ୍ରିତ ବଜାର କମିଟି ର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭ ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ବଲାଙ୍ଗିର ଜିଲ୍ଲା ରେ ରବି ଧାନ କ୍ରୟ ପ୍ରକ୍ରିୟା ଓ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକର ନିଷ୍ପତ୍ତି ପ୍ରକାରେ



ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୩ ତାରିଖ ଠାରୁ ରବି ଧାନ କ୍ରୟ ଆରମ୍ଭ ହେବ । ଏଥି ନିମନ୍ତେ ୧୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ଓ ୧୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ,ସମୁଦାୟ ୧୨୨ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ରବି ଧାନ କ୍ରୟ କରାଯିବ ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୧୧୬୫୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ସମୁଦାୟ ୨,୦୫,୭୮୦ କୁଇଣ୍ଟାଲ ଧାନ କ୍ରୟ ର ଟାର୍ଗେଟ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା କୁ ମିଳିଛି ।

# କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରି ପୂର୍ବ ଜୋନ୍‌ରୁ ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟ୍ ଲ କଲେଜ ଜାତୀୟ ସ୍ତରରେ ରନର୍ସଅପ୍ ଘୋଷିତ

ଭୁବନେଶ୍ୱର (ଭିଓଭି): ନୂଆଦିଲ୍ଲୀ ଠାରେ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରି ପୂର୍ବ ଜୋନରୁ ଭୁବନେଶ୍ୱରସ୍ଥିତ ୟୁନିଭେର୍ସିଟି ଲ କଲେଜ ଛାତ୍ରୀମାନେ ଜାତୀୟ ସ୍ତରରେ ରନର୍ସ ଅପ ଘୋଷିତ ହୋଇଛନ୍ତି । ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଆମନ୍ତ୍ରଣ କ୍ରମେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସାଲୋମୀ ସାହୁଙ୍କ ନେତୃତ୍ୱରେ ୟୁନିଭେର୍ସିଟି ଲ କଲେଜ ଦ୍ୱିତୀୟ ବର୍ଷ ଛାତ୍ରୀ ଜାଗୃତି ମାଝୀ, ସାନିଆ ଖାନ, ସ୍ମୃତିଶିଖା ସାହୁ, ଆଦ୍ୟାଦେବପ୍ରଜ୍ଞା ପଟ୍ଟନାୟକ ଓ ଶ୍ରୀମୟୀ ମହାପାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ନୂଆଦିଲ୍ଲୀ ଠାରେ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା




ଆୟୋଜିତ କ୍ରାନ୍ତିଜ୍ୟୋତି ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ଦିନ ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରୀମାନେ ଯୋଗ ଦେଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ତଥା ପୃଷ୍ଠପୋଷକ ଜଷ୍ଟିସ ସଂଜୀବ ଖାନା ଏବଂ କାର୍ଯ୍ୟ ନିର୍ବାହୀ ଅଧକ୍ଷ ତଥା ଉଚ୍ଚତମ ନ୍ୟାୟାଳୟ ବିଚାରପତି ଜାତୀୟ ଆଇନ ସେବା ପ୍ରାଧିକରଣ ଜଷ୍ଟିସ ବି. ଆର. ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ସଦସ୍ୟ ସଚିବ ଜାତୀୟ ଆଇନ ସେବା ପ୍ରାଧିକରଣ ଏସ. ସି ମୁଙ୍ଗେତ ପ୍ରମୁଖଙ୍କ ଠାରୁ ଛାତ୍ରୀମାନେ ପୁରସ୍କାର ଗ୍ରହଣ କରିଛନ୍ତି । ଓଡିଶାରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଏବଂ ଆଇନ ଛାତ୍ରୀମାନେ କ୍ଷୁଦ୍ର ଚଳଛିତ୍ର ଭିବାଗରେ ନୂଆଦିଲ୍ଲୀରେ ଉପସ୍ଥିତ ରହି ଇଷ୍ଟ ଜୋନ ପାଇଁ ମାନ୍ୟବର ମୁଖ୍ୟ ବିଚାରପତିଙ୍କ ଠାରୁ ପାନ ଇଣ୍ଡିଆ ଜୋନାଲ ଲେବଲ ସଂକ୍ଷିପ୍ତ ଚଳଛିତ୍ର ପ୍ରଦର୍ଶନରେ ଏହି ରନର୍ସ ଅପ ପୁରସ୍କାର ଗ୍ରହଣ କରିଛନ୍ତି ।

ଓଡିଶାର ଉତ୍କଳ ୟୁନିଭେର୍ସିଟି ଲ କଲେଜ ଆଇନ ବିଭାଗର ଛାତ୍ରଛାତ୍ରୀ ମାନେ ଅଣସଂଗଠିତ ଶ୍ରମିକମାନଙ୍କ ଉପରେ ଏକ କ୍ଷୁଦ୍ର ଚଳଛିତ୍ର ପ୍ରସ୍ତୁତ କରିବା ସହ ଉକ୍ତ ଛାତ୍ରୀମାନେ ଉକ୍ତ ଚଳଛିତ୍ରରେ ଉନତ ମାନର ଅଭିନୟ କରି ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି। ଏହି ଦଳଗତ ସଫଳତା ପାଇଁ ଛାତ୍ରୀମାନଙ୍କୁ ଆଇନ ସେବା ପ୍ରାଧିକରଣ ଶ୍ରେଷ୍ଠ ରନର୍ସ ଅପ ସହ ୫୦୦୦ ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି । ଏଭଳି ଉଲେଖନୀୟ ସଫଳତା ପାଇଁ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସମସ୍ତ କୃତି ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗକୁ ଏହି ଅଭିଯାନ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଖୋର୍ଦ୍ଧା ଭୁବନେଶ୍ୱରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ଶୋଷ ମେଣ୍ଟାଇପାରୁନି ମେଗା ପାନୀୟଜଳ ପ୍ରକଳ୍ପ

# ସରିଯାଇଛି ଅବଧି, ମିଳୁନି ପାଣି

କନ୍ଧମାଳ (ଭିଓଭି): ବୌଦ୍ଧ ଜିଲ୍ଲା କଣ୍ଟାମାଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କେତେନି କେତେ ଯୋଜନା ଉପରେ ଉପରେ ଯୋଜନା କରି ଶହଶହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ବିଭାଗୀୟ ଅଧିକାରୀଙ୍କ ପିସି ଖିଆ ଦୁର୍ନୀତି ଖୋର ମନବୃତି ଠିକାଦାରଙ୍କ ଖାମ ଖିଆଲ ମନୋବୃତି ଓ ସରକାରଙ୍କ ଅହେତୁକ କମ୍ପାନୀ ପ୍ରୀତି ଯୋଗୁଁ ତାହାର ସୁଫଳ ସାଧାରଣ ଲୋକମାନେ ପାଇବାରୁ ବଂଚିତ ହେଉଛନ୍ତି । ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକର ପ୍ରତ୍ୟେକ ଗ୍ରାମରେ ବର୍ଷର ପ୍ରାୟ ପ୍ରତ୍ୟେକ ଋତୁରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟ ଦେଖାଦିଏ । ପ୍ରତ୍ୟେକ ଦିନ ବ୍ଲକର ପାନୀୟଜଳ ସଙ୍କଟ ଖବର କାଗଜ ପୃଷ୍ଠା ମଣ୍ଡନ କରିଥାଏ । କଣ୍ଟାମାଲ ବ୍ଲକର ୨୪ଟି ପଞ୍ଚାୟତର ୩୯୩ଗ୍ରାମରେ ବିଶୁଦ୍ଧ ପାନୀୟଜଳର ଅଭାବକୁ ଦୂର କରିବା ପାଇଁ ସରକାର ବ୍ଲକର ସିମିଳିପଦର ପଞ୍ଚାୟତ ତେଲନଦୀ କୂଳ ଲୋକପଡାଠାରେ



ପ୍ରାୟ ୨୭୪କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବୃହତ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହୋଇଛି ଏବଂ ଏହାର ନିର୍ମାଣ ପାଇଁ ଏଲଏଣ୍ଡଟି କମ୍ପାନୀକୁ ଦାୟିତ୍ୱ ମିଳିଛି । ଏହି ପ୍ରକଳ୍ପରର କାର୍ଯ୍ୟ ମାର୍ଚ୍ଚ ୨୦୧୯ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୦୨୩ ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । ଏହି ପ୍ରକଳ୍ପରେ ବ୍ଲକର ୩୯୩ ଗ୍ରାମକୁ ୫୯ ଟି ଓଭର ହେଡ୍ ଟାଙ୍କି ଏବଂ ୬ଟି ଇମିଡିଏଟ ବୁଷ୍ଟର ପମ୍ପ ହାଉସ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସୂଚନା ଫଳକରେ ଉଲ୍ଲେଖ ହୋଇଛି । ଏକ ବର୍ଷରୁ ଅଧିକ ହେବ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ସାରିଥିବାବେଳେ ନିର୍ମାଣ ଅବଧିକୁ ମଧ୍ୟ ବର୍ଷେ ବିତିଯାଇଛି । ପ୍ରତ୍ୟେକ ଗ୍ରାମକୁ ପାଇପ ସଂଯୋଗ ସହିତ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ଗାଁଗାଁରେ ବସାଯାଇଛି । ହେଲେ ବ୍ଲକର ଅନେକ ଗ୍ରାମକୁ ପାଣି ମିଳୁ ନ ଥିବା ଅଭିଯୋଗ ହେଉଛି । ଅନେକ ସ୍ଥାନରେ ଓଭର ହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଲୋକଙ୍କ ଘର ସାମ୍ନାରେ ବସାଯାଇଥିବା ଷ୍ଟାମ୍ପପୋଷ୍ଟ ଗୁଡିକ ଭଙ୍ଗିରୁଟି ଗଲାଣି । ଏପରିକି କମ୍ପାନୀ ପାଇପ ବିଛାଇବା ପାଇଁ ଖୋଳିଥିବା ରାସ୍ତାଘାଟ ସବୁ ମରାମତି ନ କରି ସେମିତି ଛାଡି ଦେଇଛି । ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋବୃତି ଓ ଅଣଦେଖା ଯୋଗୁଁ ଲୋକେ ପିଇବା ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ବ୍ଲକର ଆଭ୍ୟନ୍ତରୀଣ ଲମ୍ବସରୀ, ଶୁଣ୍ଢୀପଦର, ବରଗାଁ, କଣ୍ଟାମାଳ, ଖୁଣ୍ଟିଗୋରା, ଆଦି ଅନେକ ପଞ୍ଚାୟତର ଅନେକ ଗ୍ରାମକୁ ପାଣି ଆସୁ ନ ଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି । ଏପରିକି ପ୍ରକଳ୍ପର ନିକଟବର୍ତ୍ତୀ ଗ୍ରାମପଞ୍ଚାୟତ ଗୁଡିକରେ ଖଟଖଟିଆ, ଘିକୁଣ୍ଡି, ପଳସାଗୋରା ଆଦି ପଞ୍ଚାୟତରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଏହି ପାନୀୟଜଳ ପ୍ରକଳ୍ପରୁ ଲୋକେ ଲାଭ ପାଉ ନ ଥିବା ଅଭିଯୋଗ ହେଉଛି । ଏନେଇ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଶୁଣୁ ନ ଥିବା ଅଭିଯୋଗ କରୁଛନ୍ତି । ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି । କିନ୍ତୁ ବୌଦ୍ଧ ଜିଲ୍ଲା କଣ୍ଟାମାଲ ରେ ସରକାରୀ ଯୋଜନା ସବୁ ପ୍ରହସନ ପାଲଟିଛି । ପାନୀୟଜଳ ର ଅଭାବ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଥିବା ଲୋକେ ଅଭିଯୋଗ କରୁଛନ୍ତି । ପାନୀୟ ଜଳ ଅଭାବକୁ ଦୃଷ୍ଟିରେ ରଖି ସରକାର ବୃହତ ପ୍ରକଳ୍ପରୁ ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ରଖିଛନ୍ତି । ହେଲେ ବିପୁଳ ଅର୍ଥ ବ୍ୟୟରେ ନିର୍ମିତ ପ୍ରକଳ୍ପ ଆରମ୍ଭ ହେଉଣୁ ଝୁଣ୍ଟି ପଡିଛି । ସରକାରୀ ଯୋଜନାରେ ନିର୍ମିତ ପ୍ରକଳ୍ପର ଏଭଳି ଅବସ୍ଥାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏନେଇ କଣ୍ଟାମାଲ ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ପ୍ରକଳ୍ପ କାମ ସରିଯାଇଛି । କେତେକ ଓଭର ହେଡ୍ ଟାଙ୍କି କାମ ବାକି ଅଛି, ବିଭିନ୍ନ ସ୍ଥାନରେ ରାସ୍ତାକାମ ଚାଲିଥିବାରୁ ବହୁତ ଗୁଡିଏ ପାଇପ ଫାଟିଯାଇଛି । ସେସବୁ ମରାମତି ଚାଲିଛି । ବହୁ ଶୀଘ୍ର ଲୋକଙ୍କ ପାନୀୟଜଳ ଅଭାବ ଦୂର ହେବ ବୋଲି କହିଥିଲେ । ଶୋଷ ମେଣ୍ଟାଇପାରୁନି ମେଗା ପାନୀୟଜଳ ପ୍ରକଳ୍ପ ସରିଯାଇଛି ।

## ପାଣି ପାଇଁ ହନ୍ତସନ୍ତ ରାଜେନିପଡିଆ ଗାଁର ଲୋକେ





ଖଜୁରୀପଡା, (ଭିଓଭି): ସରକାର ଜନସାଧାରଣଙ୍କ ପାଇଁ ପାନୀୟ ଜଳ ଯୋଗାଣ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଫିରିଙ୍ଗିଆ ବ୍ଲକ୍ ଅଧୀନସ୍ଥ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ରାଜେନିପଡିଆ ଗ୍ରାମର ମଧ୍ୟଭାଗରେ ଥିବା ଜୀବନ ଧାରା କୂଅ ଦୁଇମାସ ହେଲା କୂଅରୁ ପାଣି ଶୁଖି ଥିବାର ଦେଖିବାକୁ ମିଳିଛି । ଶାଶିପଦର ରାଜେନିପଡିଆ କୂଅ ଉପରେ ନିର୍ଭର କରୁଥିବା ପରିବାର ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି କାରଣ ଦୀର୍ଘ ଦୁଇମାସ ହେଲା କୂଅରୁ ପାଣି ଶୁଖି ଯାଇଥିବାର ଦେଖିବାକୁ ମିଳିଛି । ପ୍ରତିଦିନ ଏହି ଗାଁର ଲୋକେ ପାଣି ପାଇଁ ଅନେକ ଦୂରକୁ ଯିବାକୁ ପଡୁଛି । ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ । ରାଜେନିପଡିଆ ଗ୍ରାମର ଲୋକଙ୍କ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ରାଜେନିପଡିଆ ଗାଁରେ ଏକ ନୂତନ ନଳକୂପ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଲୋକଙ୍କ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ର ପଞ୍ଚାୟତରାଜ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି । ଫୁଲବାଣୀ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗକୁ ଟୁଇଟ ମାଧ୍ୟମରେ ଅଭିଯୋଗ କଲେ ଦୃଷ୍ଟି ଦିଆଯିବ ବୋଲି ଉତ୍ତର ଆସୁଛି ହେଲେ ଆଜି ପର୍ଯ୍ୟନ୍ତ ରାଜେନିପଡିଆ ଗାଁରେ ନଳକୂପ ଖୋଳା ଯାଇନାହିଁ । ନଳକୂପ ନଥିବାରୁ ପାଣି ସମସ୍ୟା ସମାଧାନ ହୋଇ ପାରୁନାହିଁ ଯାହା ଫଳରେ ଲୋକମାନେ ପିଇବା ପାଣି ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହେଉଛି ।

## ଠକିଦେଲା ଠିକାଦାର, ସାତକାଳିଆ - ଗୁଣ୍ଡରରାସ୍ତା ଦେଉଛି ଯମ ଯନ୍ତ୍ରଣା

ନିଆଳି (ଭିଓଭି): ବର୍ଷା ଆସିଲା କ୍ଷଣି ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଯାଏ । ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥାନ୍ତି । ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ନଜର ଆଢୁଆଳରେ ରହି ଯାଇଛି ଏହି ଗ୍ରାମ । କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡିଣ୍ଡିମ୍ ପିଟୁଥିବାବେଳେ ଏହା କେବଳ କାଗଜ କଲମରେ ସୀମିତ ରହିଯାଇଛି । ଯାହାର ଉଦାହରଣ ପାଲଟିଛି ଗୁଣ୍ଡର-ସାତକାଳିଆ ଗ୍ରାମ । କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ଶିଖର ଘାଟ ଠାରୁ ଗୁଣ୍ଡର-ସାତକାଳିଆ ଦେବୀ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି । ବିଶେଷ କରି ସାତକାଳିଆ ଗ୍ରାମ ରାସ୍ତା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି । କାକଟପୁର, ନୟାହାଟ, ଚାରିଛକ, ନିଆଳି, ନାଉଗାଁକୁ ଯିବା ପାଇଁ ଏହି ରାସ୍ତା ଉପରେ ହଜାରହଜାର ଲୋକ ନିର୍ଭର କରିଥାନ୍ତି । ଏହି ରାସ୍ତାରେ ଯିବା ଆସିବା ପାଇଁ ସାଧାରଣ ଲୋକ ନିଜକୁ ଅସୁରକ୍ଷିତ ମନେ କରୁଥିବାବେଳେ କୌଣସି ବିକଳ୍ପ ନଥିବା ହେତୁ ସେହି ରାସ୍ତାରେ ଯିବା



ପାଇଁ ବାଧ୍ୟ ହେଉଛନ୍ତି । ପ୍ରତିଦିନ କେହି ନା କେହି ଦୁର୍ଘଟଣାର ଶିକାର ହେଉଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ବାରମ୍ବାର ଅଭିଯୋଗ ପରେ ୪ବର୍ଷ ତଳେ ଏହି ରାସ୍ତା କାମ ହେଇଥିଲା । କିନ୍ତୁ କଣ୍ଟ୍ରାକ୍ଟର ଓ ଜେଇ ମଧ୍ୟରେ ଭାବ ପ୍ରୀତି ମଧୁଚନ୍ଦ୍ରିକା ଥିବା ହେତୁ ରାସ୍ତାରେ କେବଳ ମାଟି ପକାଇ ଆବଶ୍ୟକ ଅନୁଯାୟୀ ପିଚୁ ନପକାଇ ମାତ୍ର ଅଳ୍ପ କିଛି ପିଚୁ ପକାଇ ରାସ୍ତା କାମକୁ ଅଧା କରି କଣ୍ଟାକ୍ଟର ଚାଲିଯାଇ ଥିଲେ । ଯାହା କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ଗ୍ରାମବାସୀ । ଆମ୍ବୁଲାନ୍ସ ଆସିବା ସ୍ୱପ୍ନ । ପିଲାମାନେ ରାସ୍ତାକୁ ଦେଖି ଡରିକି ସ୍କୁଲ କଲେଜ ଯିବା ବନ୍ଦ କରିଲେଣି । ରାସ୍ତା ନିର୍ମାଣ ହେବାର କିଛି ମାସ ପରଠାରୁ ରାସ୍ତାରୁ ପିଚୁ ଉଠି ଏବେ ବଡବଡ ଖାଲରେ ଭର୍ତ୍ତି ହୋଇଛି । ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି । ଅତି ଦୁଃଖର କଥା ଏହା ହେଉଛି ସ୍ଥାନୀୟ ନିଆଳି ବିଧାୟକଙ୍କ ବାସସ୍ଥାନ ଠୁ ମାତ୍ର ୨କିମି ଦୂରରେ ଏହି ଦେବୀ ନଦୀ ବନ୍ଧର ରାସ୍ତା । ଏହି ରାସ୍ତା ଦେଇକି ବଡବଡ ନେତା, ମନ୍ତ୍ରୀ, ବିଧାୟକ ଯିବା ଆସିବା କରୁଛନ୍ତି ହେଲେ କାହାର ଏହି ରାସ୍ତା ଉପରେ ନଜର ପଡୁନାହିଁ । ଏହି ବିଷୟରେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ବି ସେମାନେ କାମ ହୋଇଯିବ କହି କଥାକୁ ଏଡ଼ାଇ ଯାଉଛନ୍ତି । ଏଣୁ ସାଧାରଣ ଲୋକଙ୍କ ଯାତାୟତକୁ ଆଖି ଆଗରେ ରଖି ସ୍ଥାୟୀ ଓ ସୁଦୃଢ କାର୍ଯ୍ୟ କରିବା ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ବିଧାୟକ, ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଦାବି କରିଛନ୍ତି । ଉଚିତ୍ ପଦକ୍ଷେପ ନିଆଗଲେ ଜଗତସିଂହପୁର, କଟକ, ପୁରୀ ଜିଲ୍ଲାର ଗ୍ରାମବାସୀ ଉପକୃତ ହୋଇପାରନ୍ତେ । ତେବେ ଏ ଦିଗରେ ପ୍ରଶାସନ, ସରକାରଙ୍କର କେବେ ଦୃଷ୍ଟି ପଡ଼ିବ ତାହା ଦେଖିବା ବାକି ରହିଲା ।

# ବିନାସୂଚନା ଫଳକରେ ଚାଲିଛି ନାଗମୁଦି ଜୋର ଚେକ୍‌ଡ୍ୟାମ

ବଙ୍ଗୋମୁଣ୍ଡା,(ଭିଓଭି): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଠେମେରା ପଞ୍ଚାୟତ ବରକାନି ଗାଁ ନିକଟରେ ଥିବା ନାଗମୁଦି ଜୋର ଗର୍ଭରେ ୩୦ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେଉଥିବା ଚେକ ଡ୍ୟାମ ଚାଷ ଜମିକୁ ମରୁଡି ମକାରରେ ଚାଷ ଜମିର ଫସଲ ସୁରକ୍ଷା ଜଳ ସେଚନ କରିବା ଓ ସିଧାସଳଖ ବର୍ଷା ପାଣି ବହିଯିବା ଦ୍ୱାରା ମାଟି ଅବକ୍ଷୟ ରୋକିବା ପାଇଁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଚେକ ଡ୍ୟାମ ବିନା ସୂଚନା ଫଳକରେ ଶେଷ ହେବାକୁ ବସିଲାଣି ହେଲେ ସେଠାକାର ଚାଷୀ କିମ୍ବା ଜନ ସାଧାରଣଙ୍କୁ ଜଣାନାହିଁ । କେତେ ଟଙ୍କା ଖର୍ଚ୍ଚ ମଞ୍ଜୁର ହେଇଛି ଶ୍ରମିକକୁ କେତେ ଟଙ୍କା ଦୈନିକ ମଜୁରୀ ଦିଆଯାଇଛି, ତାହା ଲୋକଙ୍କୁ କାମ ଶେଷ ହେଲାଣି ଏପର୍ଯ୍ୟନ୍ତ ଜଣାନାହିଁ । ତେବେ ପୂର୍ବରୁ ପ୍ରଶାସନଙ୍କ ଦପ୍ତରରୁ ସୂଚନା ରହିଛି ଯେ ଯେକୌଣସି ସରକାରୀ ପ୍ରକଳ୍ପ ନିର୍ମାଣ କରାଯିବ ତାର ପୂର୍ବରୁ ଯେଉଁଠି କାମ ହେଉଛି ସେହି ସ୍ଥାନରେ ସୂଚନା ଫଳକ ଆର୍ଥିକ ବର୍ଷ କାମ ଆରମ୍ଭ ତାରିଖ ଓ ଶେଷ କେବେ ହେଲା ଦୈନିକ ଶ୍ରମିକ ମଜୁରି କେତେ ଦେଲେ ଏ ସମସ୍ତ ତଥ୍ୟ ସୂଚନା ଫଳକରେ ଲେଖି କାମ କରିବାକୁ ସରକାରୀ ନିୟମ ଥିବା ବେଳେ । ବାବୁ ଠିକାଦାର ଜଣକ ରାତାରାତି ମାଲାମାଲ ହେବା ସ୍ୱପ୍ନରେ



ବେଖାତିରି ଓ ନିର୍ଭୟରେ ନିମ୍ନମାନର କାମ କରି ବିଲ ନେଇଯିବାକୁ ବସିଛନ୍ତି । କର୍ମଚାରୀ ମାନଙ୍କୁ ସ୍ଥାନୀୟ ଲୋକେ ପଚାରିଲେ କାହିଁକି ସୂଚନା ଫଳକ ଲଗାଯାଇନାହିଁ ବୋଲି କର୍ମଚାରୀ କହୁଛନ୍ତି ସରକାରୀ ଅଧିକାରୀ ମତେ କହିନାହାନ୍ତି ପ୍ରୋଜେକ୍ଟ ପିଲରଲଗାଇବାକୁ ବୋଲି ଉତ୍ତର ଦେବା ସାଙ୍ଗେ ଟଙ୍କା ମାଗୁଛ ବୋଲି ଧମକ ଦେଉଛି ଠିକାଦାର ଜଣକ । ଅନ୍ୟ ପକ୍ଷରେ କାମଟି ଏମଆଇପି ବିଭାଗ ଜରିଆରେ ହେଉଥିବା ଜଣାପଡିଥିଲା । ଏ ସମ୍ପର୍କରେ ଟିଟିଲାଡଗ ଉପଖଣ୍ଡ ଏମଆଇପିଏସଡିଓ, ଶ୍ରୀ ଶତପଥିଙ୍କୁ ପଚାରି ବୁଝିଥିଲେ ସେ କହିଥିଲେ ସେହି ଚେକଡ୍ୟାମ କାମ ଠାରେ ସୂଚନାଫଳକ ଲଗାଇବା ପାଇଁ ଆମ ଏମଆଇପି ପକ୍ଷରୁ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଛି ହେଲେ କଣ ପାଇଁ ଲଗାଇ ନାହିଁ ମୁଁ ତାକୁ ବୁଝି କରି କହିବି ବୋଲି ଉତ୍ତର ଦେଇଥିଲେ । ତେବେ କାର୍ଯ୍ୟକାରୀ ସଂସ୍ଥା ପ୍ରୋଜେକ୍ଟ ପିଲର ନିର୍ମାଣ କଲେ ମଧ୍ୟ ତାର ଖର୍ଚ୍ଚ ସରକାର ବହନ କରୁଥିବା ଜଣାଯାଇଛି । ତେବେ ଉକ୍ତ ଚେକଡ୍ୟାମ କାମରେ ସର୍ବାଧିକ ମଧୁଚନ୍ଦ୍ରୀକା ଶୁଣି ନେଇଥିବା ଉପାନ୍ତ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ସିମେଣ୍ଟ, ଚିପିସ, ରଡ ଇତ୍ୟାଦି ସାମଗ୍ରୀ କାମ ପରିମାଣରେ ଲଗାଯାଇଥିବା ସ୍ଥାନୀୟରେ ଚର୍ଚ୍ଚା ହେଉଛି ।

# Let's Celebrate Earth Day 24x7

Each year, on April 22, the world pauses-just for a day—to remember the beautiful blue planet we call home. Earth Day is celebrated across continents with tree-planting drives, awareness campaigns, school programs, and eco-pledges. But the truth is, **Earth doesn't ask for a day of attention—she asks for a lifetime of love.**

The rivers don't rest after Earth Day. The air doesn't pause its breath. The soil, the sun, the forests, the oceans—they continue to give without asking. Isn't it time we return that favor, not just one day, but 24 hours a day, 7 days a week?

**Earth: More Than a Resource- Our Sacred Source**

We have long spoken of nature in the language of utility—trees for timber, rivers for dams, land for crops. But Earth is not merely a resource to be used. She is a mother, a healer, a quiet companion that has held us through time.

Every drop of water we drink, every morsel of food we eat, and every breath we take is a divine gift from nature. It's not about "saving the Earth"—it's about saving our connection to it.

**From Celebration to Consciousness**

Celebrating Earth Day 24x7 doesn't require massive movements or political campaigns—though those help too. It begins with **daily mindfulness:**

• Turning off the tap while brushing
•Choosing cloth over plastic
•Picking up litter during a morning walk




•Supporting local and sustainable products
•Eating more plant-based meals
•Planting a tree not just as an act, but as a prayer

These small, daily actions are powerful ripples. They show that respect for the planet is not confined to rallies and hashtags—it lives in our routines.

**The Earth is Speaking. Are We Listening?**

The signs are all around us—rising temperatures, dying coral reefs, floods, droughts, disappearing species. These are not isolated incidents. They are Earth's urgent messages to humanity. And yet, we often remain silent, distracted, or indifferent.

As the activist Greta Thunberg reminds us: "**The climate crisis has already been solved. We already have the facts and solutions. All we have to do is wake up and change".**

Celebrating Earth Day daily means being awake—not just environmentally, but ethically and spiritually.

**A New Culture of Living Lightly**

Let us dream of cities where buildings have green roofs, where bicycles outnumber cars, and where school children learn to sow seeds alongside science. Let us encourage leaders who plant trees instead of industries on sacred land. Let us make festivals more eco-friendly, our travel more mindful, and our lives more aligned with nature's rhythms.

We need a **cultural shift**—from consumerism to conservation, from profit to planet, from greed to gratitude.

**A Living Earth is a Loving Earth**

When we walk barefoot on the grass, watch the stars in silence, or meditate by the sea, we remember: **we are not above nature—we are within it.** The Earth is not a place outside of us; it is the very fabric of our being. Protecting it is not charity—it is self-preservation,



Nihar Ranjan Acharya

it is spirituality, it is sanity.

**Moral: Let Every Day Be Earth Day**

The Earth is not dying; it is being killed—and those with power are holding the knife. But hope is not lost. Because the power to protect lies with every individual, every act, every choice.

Let every sunrise remind us of our responsibility. Let every garden remind us of our gratitude. Let every breath remind us of the blessing it is to belong to this planet.

Let's celebrate Earth Day not once a year, but 24x7—in our words, in our actions, in our hearts.

For we are not owners of the Earth, but her humble guests.

***Founder and Working Director, Trust***
***Ph. 8249775817***
*Email: niharacharya1973@gmail.com*

# NUMEROLOGY & ITS IMPORTANCE

Numerology is the study of the mystical or divine relationship between numbers and events, often used to interpret a person's character or to predict the future. Numerology is an ancient study that draws meaning from different numbers, number combinations, letters, and symbols in your life. This art can help us tap into the underlying patterns of the universe and reveal new truths about who we are. Numerology is a wonderful tool for personal growth because it highlights all your strengths and suggests what your weaknesses are. Number symbolism is an ancient and pervasive aspect of human thought, deeply intertwined with religion, philosophy, mysticism, and mathematics. Different cultures and traditions have assigned specific meanings to numbers, often linking them to divine principles, cos-



mic forces, or natural patterns. Numerology calculator helps you decode your magical numbers, hidden powers, personality traits, and life challenges using numerology number and name. Numerology, the study of numbers is based on your name and birth date. The sum of value, which then becomes your ruling number, provides a correlation of energies exist in the cosmic plan. The Life Path number reveals your inherent purpose and life's journey, while the Destiny number, also known as the Expression number, highlights how you will express your purpose and potential in the world. Life path number is based on your full date of birth (month, day and year) reduced to a single digit. Whereas destiny number is based on your full name which is reduced to a single digit by calculating the digits assigned to each alphabet and then summing them to make a single digit. Also Numerology views recurring number like 1111, 2222, 1212 etc as a cosmic signal. Be it through clock as time or through vehicular number plates, it's through these numbers that the universe convey a lot of hidden signals and messages. Numerology provides a platform to decode them into meaningful translations. As per numerology and its studies, universe deals with frequency of energies in various forms and numbers are the replica of same. Repeating numbers are also considered as the angel

Ranjit Pattnaik
Numerologist
Chief Reporter, voice of victims
Mob - 9439505215

numbers that can be used as guides for deeper spiritual exploration. Ranging from 000 to 999, each sequence carries its own distinct meaning and energy. Numerology is an ancient art that gives an insight to help one understand patterns and cycles of life that guide your day-to-day choices with wisdom. These aspects are all useful in giving you direction about your personal year numbers, personal month numbers, personal days, lucky numbers, and lucky colors.

FOR EXCLUSIVE WEDDING CARDS
ବନ୍ଧନ ®
ସୁ-ସମ୍ପର୍କ ଗଢେ
ପ୍ରଥା ପରମ୍ପରାକୁ ଦେବାକୁ ସମ୍ମାନ ।
ବନ୍ଧନ ପରିବାର କରେ ନିବେଦନ ।
Bandhan ®
ସୁ-ସମ୍ପର୍କ ଗଢେ
8260685257
www.bandhancards.com
0674-2310196

# ଘରେ ରନ୍ଧା ଖାଦ୍ୟର ଅଭାବକୁ ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତା, ଅଭିଭାବକତ୍ୱ ହରାଇଲେ ବ୍ୟକ୍ତି



ନୂଆଦିଲ୍ଲୀ, (ଭିଓଭି): ସୁପ୍ରିମକୋର୍ଟ ଏପ୍ରିଲ ୨୯ରେ କେରଳ ହାଇକୋର୍ଟର ଏକ ଆଦେଶକୁ ଖାରଜ କରିଛନ୍ତି, ଯେଉଁଥିରେ ଦୁଇ ନାବାଳକ ସନ୍ତାନଙ୍କୁ ତାଙ୍କ ପିତାଙ୍କୁ ଅସ୍ଥାୟୀ ଅଭିଭାବକତ୍ୱ ପ୍ରଦାନ କରାଯାଇଥିଲା। ବିଚାରପତି ବିକ୍ରମ ନାଥ, ସଞ୍ଜୟ କରୋଲ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ନିଷ୍ପତ୍ତି ଦେଇଛନ୍ତି ଯେ, ପିତା ସନ୍ତାନମାନଙ୍କ ପାଇଁ ଉଚିତ ଯତ୍ନ ଓ ପୁଷ୍ଟିକର, ଘରେ ରନ୍ଧା ଖାଦ୍ୟ ଯୋଗାଇବା ଭଳି ମୌଳିକ ଦାୟିତ୍ୱ ପାଳନ କରିନାହାନ୍ତି।

ଖଣ୍ଡପୀଠ ଜୋର ଦେଇ କହିଛନ୍ତି ଯେ, ବାରମ୍ବାର ହୋଟେଲ ଖାଇବା ବିଶେଷତଃ ଛୋଟ ଶିଶୁଙ୍କ ପାଇଁ କ୍ଷତିକାରକ ହୋଇପାରେ। ଏହା ଉଲ୍ଲେଖ କରିଛନ୍ତି ଯେ, ଜଣେ ଆଠ ବର୍ଷୀୟ ଶିଶୁକୁ ଘରେ ପ୍ରସ୍ତୁତ ଖାଦ୍ୟ ଆବଶ୍ୟକ, ଯାହା ପିତା ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। "ଏହା ସୁପ୍ରତିଷ୍ଠିତ ଯେ ରେଷ୍ଟୋରାଁ କିମ୍ବା ହୋଟେଲରୁ ନିୟମିତ ଖାଦ୍ୟ ଗ୍ରହଣ ବୟସ୍କମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ଏକ ବଢୁଥିବା ଆଠ ବର୍ଷୀୟ ଶିଶୁର ପୁଷ୍ଟିଗତ ଆବଶ୍ୟକତା ପାଇଁ ଘରେ ରନ୍ଧା ଖାଦ୍ୟ ଆବଶ୍ୟକ, ଯାହା ପିତା ବର୍ତ୍ତମାନ ଯୋଗାଇ ଦେବାରେ ଅସମର୍ଥ," କୋର୍ଟ ମନ୍ତବ୍ୟ ଦେଇଛନ୍ତି। କୋର୍ଟ ପିତାଙ୍କ ସୀମିତ ଉପଲବ୍ଧତା ନେଇ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି, କାରଣ ତାଙ୍କ କାର୍ଯ୍ୟ ପ୍ରତିବଦ୍ଧତା ଅସ୍ଥାୟୀ ଅଭିଭାବକତ୍ୱ ଅବଧିରେ ସନ୍ତାନମାନଙ୍କ ସହ ପୂର୍ଣ୍ଣ ସମୟ ବିତାଇବା ପାଇଁ ଅପର୍ଯ୍ୟାପ୍ତ ସମୟ ଛାଡୁଛନ୍ତି।

"ଆମେ ପ୍ରତିବାଦୀ-ପିତାଙ୍କୁ ଶିଶୁକୁ ଘରେ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଏକ ସୁଯୋଗ ଦେବା ବିଷୟରେ ବିଚାର କରିପାରିଥାନ୍ତୁ, କିନ୍ତୁ ୧୫ ଦିନର ଅସ୍ଥାୟୀ ଅଭିଭାବକତ୍ୱ ଅବଧିରେ ଶିଶୁକୁ ପିତାଙ୍କ ବ୍ୟତୀତ ଅନ୍ୟ କୌଣସି ସାଙ୍ଗସାଥୀ ନମିଳିବା ଏକ ଅତିରିକ୍ତ କାରଣ, ଯାହା ଏହି ପର୍ଯ୍ୟାୟରେ ତାଙ୍କ ଅଭିଭାବକତ୍ୱ ଦାବିକୁ ବିରୋଧ କରୁଛି," ଖଣ୍ଡପୀଠ ମନ୍ତବ୍ୟ ଦେଇଛନ୍ତି।

୨୦୨୪ ଜୁନରେ, ମାତା ଗାର୍ଡିଆନ୍ସ ଆଣ୍ଡ ୱାର୍ଡସ ଆକ୍ଟ, ୧୮୯୦ ଅନୁଯାୟୀ ତିରୁବନନ୍ତପୁରମରେ ଏକ ପାରିବାରିକ ଅଦାଲତରେ ସ୍ଥାୟୀ ଅଭିଭାବକତ୍ୱ ପାଇଁ ଆବେଦନ କରିଥିଲେ। ଅଦାଲତ ତାଙ୍କୁ ଅସ୍ଥାୟୀ ଅଭିଭାବକତ୍ୱ ପ୍ରଦାନ କରିଥିଲା, ଯେଉଁଥିରେ ପିତାଙ୍କୁ ମାସକୁ ଥରେ ସନ୍ତାନମାନଙ୍କୁ ଭେଟିବା ଏବଂ ସାପ୍ତାହିକ ଭିଡିଓ କଲ ମାଧ୍ୟମରେ ଯୋଗାଯୋଗ କରିବାର ଅନୁମତି ଦିଆଯାଇଥିଲା। ମୁଖ୍ୟ ଅଭିଭାବକତ୍ୱ ମାମଲା ଏବେ ବିଚାରାଧୀନ ଅଛି।

ଏହି ରାୟରେ ଅସନ୍ତୁଷ୍ଟ ହୋଇ ପିତା କେରଳ ହାଇକୋର୍ଟରେ ଆପୀଲ କରିଥିଲେ। ୨୦୨୪ ଡିସେମ୍ବରରେ, ହାଇକୋର୍ଟ ବ୍ୟବସ୍ଥାକୁ ପରିବର୍ତ୍ତନ କରି ପିତାଙ୍କୁ ମାସକୁ ୧୫ ଦିନ ଅଭିଭାବକତ୍ୱ ପ୍ରଦାନ କରିଥିଲା, ଯେଉଁଥିରେ ତିରୁବନନ୍ତପୁରମରେ ଏକ ଘର ଭଡ଼ା ନେବା, ଜଣେ ନାନୀ ନିଯୁକ୍ତ କରିବା ଏବଂ ସହାୟକ ପରିବେଶ ସୃଷ୍ଟି କରିବା ଭଳି ସର୍ତ୍ତ ରହିଥିଲା। ମାତା ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସମୀକ୍ଷା କରିବା ପରେ, ସର୍ବୋଚ୍ଚ ଅଦାଲତ ଦେଖିଲେ ଯେ ପିତା ହାଇକୋର୍ଟ ଦ୍ୱାରା ନିର୍ଦ୍ଦିଷ୍ଟ ମୁଖ୍ୟ ସର୍ତ୍ତଗୁଡ଼ିକ ପୂରଣ କରିନାହାନ୍ତି—ବିଶେଷତଃ, ସେ ନାନୀ ନିଯୁକ୍ତ କରିନାହାନ୍ତି କିମ୍ବା ସନ୍ତାନମାନଙ୍କ ପାଇଁ ତାଜା, ଘରେ ରନ୍ଧା ଖାଦ୍ୟ ନିଶ୍ଚିତ କରିନାହାନ୍ତି।

"ହାଇକୋର୍ଟର ମାସକୁ ୧୫ ଦିନ ଅଭିଭାବକତ୍ୱ ଅନୁମତି ଦେବାର ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ଥିଲା। ଏହା ଏଭଳି ବ୍ୟବସ୍ଥା ଯୋଗୁଁ ଶିଶୁମାନଙ୍କ ଉପରେ ମାନସିକ, ଶାରୀରିକ ଏବଂ ଭାବନାତ୍ମକ ଚାପକୁ ବିଚାର କରିନଥିଲା। ସମୟ କ୍ରମେ ଏହା ଦୀର୍ଘସ୍ଥାୟୀ ମାନସିକ କ୍ଷତି ଘଟାଇପାରେ," କୋର୍ଟ କହିଛନ୍ତି।

ତଥାପି, ପିତାଙ୍କ ସନ୍ତାନମାନଙ୍କ ଜୀବନରେ ସକ୍ରିୟ ଭାବେ ଜଡ଼ିତ ରହିବାକୁ ଇଚ୍ଛାକୁ ସ୍ୱୀକାର କରି ସୁପ୍ରିମକୋର୍ଟ ସୀମିତ ଭେଟଘାଟର ଅନୁମତି ଦେଇଛନ୍ତି।

ପିତା ଏବେ ପ୍ରତି ବିକଳ୍ପ ସପ୍ତାହାନ୍ତରେ ତାଙ୍କ ଝିଅକୁ ଭେଟିପାରିବେ। ଏହି ଭେଟଘାଟ ସମୟରେ ସେ ତାଙ୍କ ପୁତ୍ର ସହ ଚାରି ଘଣ୍ଟା ପର୍ଯ୍ୟନ୍ତ ସମୟ ବିତାଇପାରିବେ, ଯଦି ଶିଶୁ ଆରାମଦାୟକ ଥାଏ ଏବଂ ଅଦାଲତ ଅନୁମୋଦିତ ଶିଶୁ ପରାମର୍ଶଦାତା ତଦାରଖ କରନ୍ତି। ଖଣ୍ଡପୀଠ ମଧ୍ୟ ପିତା ଓ ସନ୍ତାନମାନଙ୍କ ମଧ୍ୟରେ ପ୍ରତି ମଙ୍ଗଳବାର ଏବଂ ଗୁରୁବାର ୧୫ ମିନିଟ୍ ପାଇଁ ଭିଡିଓ କଲ ଅନୁମତି ଦେଇଛନ୍ତି, ଯାହା ଉଭୟ ପକ୍ଷ ପାଇଁ ସୁବିଧାଜନକ ସମୟରେ ହେବ।

# ବିଚାରପତିମାନେ ତଦନ୍ତ କରିବାର ବିଶେଷଜ୍ଞ କି ? ପହଲଗାମ ଘଟଣାର ବିଚାରବିଭାଗୀୟ ତଦନ୍ତ ଅନୁରୋଧକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ (ଭିଓଭି): ପହଲଗାମ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଦାୟର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଆବେଦନରେ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ନ୍ୟାୟିକ କମିଶନ ଦ୍ୱାରା ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଥିଲା। କୋର୍ଟ ଆବେଦନକାରୀଙ୍କୁ ଭର୍ତ୍ସନା କରିଥିଲେ ଏବଂ ତାଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ କହିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଓକିଲ ତାଙ୍କ ମାମଲା ରଖିବାକୁ ଚେଷ୍ଟା କରିବା ମାତ୍ରେ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ତାଙ୍କୁ ପଚାରିଲେ ଯେ ସେ ପ୍ରକୃତରେ ଏହାକୁ ନେଇ ଗମ୍ଭୀର କି? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, 'ବିଚାରପତିମାନେ କେବେଠାରୁ ତଦନ୍ତରେ ବିଶେଷଜ୍ଞ ହୋଇଗଲେ?' ସେମାନଙ୍କର କାମ ହେଉଛି ଆଇନଗତ ବିବାଦର ସମାଧାନ କରିବା।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ, 'କିଛି ଦାୟିତ୍ୱ ଦେଖାନ୍ତୁ।' ଦେଶ ପ୍ରତି ଆପଣଙ୍କର ମଧ୍ୟ କିଛି କର୍ତ୍ତବ୍ୟ ଅଛି। ଏହି ପ୍ରସଙ୍ଗରେ ସମଗ୍ର ଦେଶ ଏକଜୁଟ। ତୁମେ ଏପରି କଥା କହିବା



ଉଚିତ୍ ନୁହେଁ ଯାହା ସଶସ୍ତ୍ର ବାହିନୀର ମନୋବଳକୁ ହ୍ରାସ କରିବ।

ଆବେଦନକାରୀ କହିଥିଲେ ଯେ ସେ ଏହି ଦାବି ଉପରେ ଜିଦ୍ ଧରିବେ ନାହିଁ। ଆସନ୍ତୁ ଆବେଦନର ଅନ୍ୟାନ୍ୟ ବିନ୍ଦୁଗୁଡ଼ିକ ଦେଖିବା। ବିଚାରପତି କହିଲେ, ପ୍ରଥମେ ତୁମେ ଏକ ଆବେଦନ ଦାଖଲ କର ଏବଂ ଏହାକୁ ପ୍ରଚାର କର, ତା'ପରେ ତୁମେ କୋର୍ଟକୁ କୁହ ଯେ ତୁମେ ତୁମର ଦାବି ଉପରେ ଜିଦ୍ ଧରିବ ନାହିଁ? ଏହା ପରେ କୋର୍ଟ ଆବେଦନରେ ଲେଖାଯାଇଥିବା ସମସ୍ତ ଦାବି ପଢ଼ି ଶୁଣାଇଲେ। ପୀଡିତମାନଙ୍କୁ କ୍ଷତିପୂରଣ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ମଧ୍ୟ ଦାବି କରାଯାଇଥିଲା। କୋର୍ଟ କହିଛନ୍ତି ଯେ ଏଥିରେ ଏପରି କୌଣସି ମାମଲା ନାହିଁ ଯେଉଁଥିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାର ଆବଶ୍ୟକତା ଅଛି।

# ଡାକ୍ତରମାନଙ୍କୁ କେବଳ ଜେନେରିକ ଔଷଧ ଲେଖିବା ପାଇଁ ବାଧ୍ୟତାମୂଳକ କରାଯିବା ଉଚିତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, (ଭିଓଭି): ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ କହିଛନ୍ତି ଯେ ସାରା ଦେଶରେ ଡାକ୍ତରମାନଙ୍କୁ କେବଳ ଜେନେରିକ ଔଷଧ ଲେଖିବା ପାଇଁ ବାଧ୍ୟତାମୂଳକ କରାଯିବା ଉଚିତ। ଏହା ଦ୍ୱାରା ଔଷଧର ମୂଲ୍ୟ ହ୍ରାସ ପାଇବ ଏବଂ ସାଧାରଣ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଅଧିକ ସୁଲଭ ହେବ। ମୁଖ୍ୟ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମାମଲାର ଶୁଣାଣି ଅବସରରେ କହିଛନ୍ତି ଯେ ବ୍ରାଣ୍ଡେଡ ଔଷଧ ଲେଖିବା ଅଭ୍ୟାସ ଯୋଗୁଁ ରୋଗୀମାନଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ପଡୁଛି। ଜେନେରିକ ଔଷଧ, ଯାହା ଗୁଣବତ୍ତା ଦୃଷ୍ଟିରୁ ବ୍ରାଣ୍ଡେଡ ଔଷଧ ସହିତ ସମାନ, ଅଧିକ ଶସ୍ତା ହୋଇଥାଏ।

କୋର୍ଟ କେନ୍ଦ୍ର ସରକାରଙ୍କୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନୀତି ପ୍ରଣୟନ କରିବାକୁ କହିଛନ୍ତି। ଏହାସହ ଡାକ୍ତରୀ ଶିକ୍ଷା ଓ ପ୍ରାକ୍ଟିସ ନିୟନ୍ତ୍ରଣ କରୁଥିବା ମେଡିକାଲ କାଉନସିଲ ଅଫ ଇଣ୍ଡିଆ (ଏମସିଆଇ)କୁ ଏହି ନିୟମକୁ କଡ଼ାକଡ଼ି ପାଳନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତିକୁ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ



ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି। ଏହା ଦେଶରେ ଔଷଧର ମୂଲ୍ୟ ନିୟନ୍ତ୍ରଣ ଏବଂ ସ୍ୱାସ୍ଥ୍ୟ ସେବାର ସାମାଜିକ ନ୍ୟାୟକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଜେନେରିକ ଔଷଧର ଗୁଣବତ୍ତା ଓ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ସରକାର ଏକ ଶକ୍ତିଶାଳୀ ତଦାରଖ ବ୍ୟବସ୍ଥା ଗଠନ କରିବା ଆବଶ୍ୟକ।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର